୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Voö.26 . No.290 Bhubaneswar Thursday January 02 2025 | ୨୬ତମ ବର୍ଷ ସଂଖ୍ୟା-୨୯୦ ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୦୨, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ମୁଖ୍ୟମନ୍ତ୍ରୀଙ୍କ ନୂଆବର୍ଷ ନିଷ୍ପତ୍ତି: ଭିଜିଲାନ୍ସରେ ୪୮ ନୂଆ ପଦବୀ, ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜ କର୍ମଚାରୀଙ୍କ ଗ୍ରାଚୁଇଟି ବୃଦ୍ଧି

ଭୁବନେଶ୍ୱର,୧।୧(ପି.ଏନ): ଆଜି ନୂଆବର୍ଷ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ରାଜ୍ୟ ଭିଜିଲାନ୍ସରେ ବରିଷ୍ଠ ପାହ୍ୟାରେ ୪୮ଟି ନୂଆ ପଦବୀ ସୃଷ୍ଟିକୁ ମଞ୍ଜୁରୀ ଦେଇଛନ୍ତି । ଏହାସହିତ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଶିକ୍ଷକ ଓ କର୍ମଚ଼ାରୀମାନଙ୍କ ଗ୍ରାଚୁଇଟି ପରିମାଣକୁ ୫ଲକ୍ଷ ଟଙ୍କାରୁ ସାଢ଼େ ୭ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି ।



## ନିଯୁକ୍ତି ଆୟୋଗ ଅଧ୍ୟକ୍ଷମାନଙ୍କ ସହ ବୈଠକ: ସରକାରଙ୍କ ଟାର୍ଗେଟ୍ ୫ ବର୍ଷରେ ଦେଢ଼ଲକ୍ଷ ପଦବୀ ପୂରଣ

ଭୁବନେଶ୍ୱର,୧।୧(ପି.ଏନ): ଆସନ୍ତା ୫ବର୍ଷ ମଧ୍ୟରେ ଦେଢ଼ଲକ୍ଷ ସରକାରୀ ପଦବୀରେ ନିଯୁକ୍ତି ଦିଆଯିବ । ୨ବର୍ଷ ମଧ୍ୟରେ ୬୫ହଜାର ସରକାରୀ ପଦବୀରେ ନିଯୁକ୍ତି ପାଇଁ ସ୍ଥିରୀକୃତ ହୋଇଛି । ଏବେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ୧ଲକ୍ଷ ୧୦ହଜାର ୫୫୭ଟି ମୂଳପଦବୀ ଖାଲି ପଡିଛି । ଏହି ସମସ୍ତ ପଦବୀ ଯଥାଶୀଘ୍ର ପୂରଣ କରିବା ପାଇଁ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ନିଯୁକ୍ତି ଆୟୋଗଗୁଡିକୁ ପ୍ରସ୍ତାବ ପଠାଇବାକୁ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଆଜି ରାଜ୍ୟର ୩ଟି ନିଯୁକ୍ତି ଆୟୋଗର ଅଧ୍ୟକ୍ଷଙ୍କ ସହ କରିଥିବା ଏକ ସମୀକ୍ଷା ବୈଠକରୁ ଏହି ତଥ୍ୟ ମିଳିଛି ।ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଅରୁଣ କୁମାର ଷଡଙ୍ଗୀ, ଓଡିଶା ଷ୍ଟାଫ ସିଲେକ୍ସନ କମିଶନ ଅଧ୍ୟକ୍ଷ ଅଭୟ ଓ ଓଡିଶା ସବଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ କମିଶନ ଅଧ୍ୟକ୍ଷ ଲଳିତ ଦାସଙ୍କ ସହ ଏକ ଉଚ୍ଚ଼ସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି । ବିଭିନ୍ନ ବିଭାଗରେ ଖାଲି ପଡିଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପାଇଁ ଉଦ୍ଦିଷ୍ଟ ପଦବୀକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସ୍ୱତନ୍ତ୍ର ଡ୍ରାଇଭ୍ ମାଧ୍ୟମରେ ପୂରଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ୧୦ ଦିନର ଉଦ୍ୟମ ପରେ ବୋରୱେଲରୁ ଉଦ୍ଧାର ହେଲା ଚେତନା, ମୃତ ଘୋଷଣା କଲେ ଡାକ୍ତର

ଭୁବନେଶ୍ୱର,୧।୧(ପି.ଏନ): ଘର ବାହାରେ ହସଖୁସିରେ ଖେଳୁ ଖେଳୁ ୭୦୦ ଫୁଟ ଗଭୀର ବୋରୱେଲରେ ଖସି ପଡ଼ିଥିଲା ୩ ବର୍ଷର ଝିଅ ଚେତନା। ରାଜସ୍ଥାନର କୋଟପୁତଲିରେ ଘଟିଥିବା ଏହି ଅଘଟଣ ବିଷୟରେ କାହାକୁ ଅଛପା ନାହିଁ। ପ୍ରାୟ ୧୦ ଦିନର ଅହରହ ଉଦ୍ୟମ ପରେ ଆଜି ଚେତନାକୁ ଉଦ୍ଧାର କରାଯାଇଥିଲା। ହେଲେ ସେତେବେଳକୁ ସବୁ ସରିଯାଇଥିଲା। ଚେତନାକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ତାକୁ ମୃତ ଘୋଷଣା କରିଛନ୍ତି ଡାକ୍ତର। ରାଜସ୍ଥାନର ଏନଡିଆରଏଫ ମୁଖ୍ୟ ଅଧିକାରୀ ଯୋଗେଶ ମୀନାଙ୍କ କହିବା ଅନୁଯାୟୀ ୧୦ ଦିନର ଅହରହ ଉଦ୍ୟମ ପରେ ଆଜି ଚେତନାକୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହି ୧୦ ଦିନ ଏନଡିଆରଏଫ, ଏସଡିଆରଏଫ, ଜିଲ୍ଲା ପ୍ରଶାସନ ଓ ପୁଲିସ୍ ? ଟିମ୍ ? ନାକେଦମ





ହୋଇଥିଲେ। ଶିଶୁ କନ୍ୟାକୁ ବଞ୍ଚାଇବା ପାଇଁ ପାଇପ୍ ଯୋଗେ ବୋରୱେଲ ଭିତରକୁ ଅମ୍ଳଜାନ ଛଡ଼ା ଯାଇଥିଲା। ଉଦ୍ଧାର କାର୍ଯ୍ୟ ମଝିରେ ଅଦିନିଆ ବର୍ଷା ମଧ୍ୟ ବାଧକ ସାଜିଥିଲା। ଉଦ୍ଧାରକାରୀ ଦଳ ବୋରୱେଲ୍ ସହିତ ସମାନ୍ତରାଳ ଭାବେ ଏକ ଟନେଲ ଖୋଳି ଶେଷରେ ଚେତନାକୁ ଉଦ୍ଧାର କରିଥିଲେ। ୩ ବର୍ଷର ଝିଅକୁ ଉଦ୍ଧାର କରିବା ପାଇଁ ହୋଇଥିବା ଏହି ଅପରେସନ୍ ରାଜ୍ୟର ଦୀର୍ଘତମ ଉଦ୍ଧାର କାର୍ଯ୍ୟ ମଧ୍ୟରୁ ଗୋଟିଏ। ଅନ୍ୟପଟେ ଝିଅର ମୃତ୍ୟୁ ପରେ ପରିବାର ସଦସ୍ୟ ପ୍ରଶାସନର ଅବହେଳାକୁ ଦାୟୀ କରିଛନ୍ତି।

# ୧୯୦୧ ମସିହା ପରେ ସବୁଠୁ ଉତ୍ତପ୍ତ ବର୍ଷ ଥିଲା ୨୦୨୪

ଭୁବନେଶ୍ୱର,୧।୧(ପି.ଏନ): ବର୍ଷ ୨୦୨୪ ଶେଷ ହୋଇଛି। ଏହି ବର୍ଷ ଗଲାବେଳେ ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ୧୯୦୧ ମସିହା ପରେ ଭାରତରେ ସବୁଠାରୁ ଉତ୍ତପ୍ତ ବର୍ଷ ହେବାର ରେକର୍ଡ କରିଛି ୨୦୨୪। ଭାରତୀୟ ପାଣିପାଗ ବିଭାଗ (ଓଗଡ) ଅନୁଯାୟୀ, ୨୦୨୪ରେ ହାରାହାରି ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ୦.୯୦ ଡିଗ୍ରୀ ସେଲସିୟସ୍ ଅଧିକ ଥିଲା। ଏକ ଭର୍ଚ୍ଚୁଆଲ୍ ପ୍ରେସମିଟରେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ କେବଳ ୨୦୨୪ ମସିହାରେ ସାରା ଭାରତରେ ବାର୍ଷିକ ହାରାହାରି ସ୍ଥଳଭାଗ ବାୟୁର ତାପମାତ୍ରା ଦୀର୍ଘକାଳୀନ ହାର (୧୯୯୧-୨୦୨୦ ଅବଧି)ଠାରୁ ୦.୬୫ ଡିଗ୍ରୀ ସେଲସିୟସ୍ ଅଧିକ ଥିଲା। ଏହା ୨୦୧୬ ତାପମାତ୍ରା ରେକର୍ଡକୁ ମଧ୍ୟ ଅତିକ୍ରମ କରିଛି। ୨୦୧୬ରେ ହାରାହାରି ତାପମାତ୍ରା ସ୍ୱାଭାବିକଠାରୁ ୦.୫୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା। ତେଣୁ ୨୦୨୪ ବର୍ଷ ବର୍ତ୍ତମାନ ୧୯୦୧ ମସିହା ପରେ ସବୁଠାରୁ ଉତ୍ତପ୍ତ ବର୍ଷ ଭାବରେ



ରେକର୍ଡ କରାଯାଇଛି। କେବଳ ଭାରତରେ ନୁହେଁ, ୟୁରୋପୀୟ ଜଳବାୟୁ ଏଜେନ୍ସି 'କପର୍ନିକସ୍' ଅନୁଯାୟୀ ୨୦୨୪ ମସିହା ସମ୍ଭବତଃ ସବୁଠାରୁ ଉତ୍ତପ୍ତ ବର୍ଷ ଭାବେ ଶେଷ ହୋଇଛି ବୋଲି ଅନୁମାନ କରିଛି। ଅନ୍ୟପଟେ ବିଶ୍ୱ ପାଣିପାଗ ଆଟ୍ରିବ୍ୟୁସନ୍ ଏବଂ କ୍ଲାଇମେଟ୍ ସେଣ୍ଟ୍ରାଲର ମିଳିତ ସମୀକ୍ଷାରେ ଦର୍ଶାଯାଇଛି ଯେ ପୂର୍ବ ବର୍ଷ ଗୁଡ଼ିକ ତୁଳନାରେ ୨୦୨୪ରେ ସମଗ୍ର ବିଶ୍ୱରେ ହାରାହାରି ୪୧ ଅତିରିକ୍ତ ଦିନର ଅତ୍ୟଧିକ ଉତ୍ତାପ ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ଗତ ନଭେମ୍ବର ମାସ ମଧ୍ୟ ବହୁତ ଗରମ ଥିଲା। ସାଧାରଣତଃ ନଭେମ୍ବର ମାସ ପୂର୍ବରୁ ଶୀତ ଦିନ ଆରମ୍ଭ ହୋଇଯାଏ, କିନ୍ତୁ ଏଥର ସେପରି ଥଣ୍ଡା ନଥିଲା। ୧୯୦୧ ମସିହା ପରଠାରୁ ଏହା ଦ୍ୱିତୀୟ ଉତ୍ତପ୍ତ ନଭେମ୍ବର ବୋଲି ପାଣିପାଗ ବିଭାଗ କହିଛି। ସେତେବେଳେ ହାରାହାରି ସର୍ବାଧିକ ତାପମାତ୍ରା ୨୯.୩୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା, ଯାହା ଋତୁର ସାଧାରଣ ତାପମାତ୍ରା (୨୮.୭୫ଡିଗ୍ରୀ)ଠାରୁ ୦.୬୨୩ ଡିଗ୍ରୀ ଅଧିକ ଥିଲା। ସେହିଭଳି ଗତ ଅକ୍ଟୋବର ମାସ ମଧ୍ୟ ୧୯୦୧ ମସିହା ପରେ ସବୁଠାରୁ ଉତ୍ତପ୍ତ ଥିଲା। ପାଣିପାଗ ବିଭାଗ କହିଛି ଯେ ସେହି ମାସରେ ହାରାହାରି ତାପମାତ୍ରା ସାଧାରଣ ଅପେକ୍ଷା ୧.୨୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ୱାର୍ଲ୍ଡ ଓଡ଼ିଶା ସୋସାଇଟିର ନୂତନ କର୍ମକର୍ତ୍ତା ନିର୍ବାଚ଼ିତ

ଭୁବନେଶ୍ୱର/ ନୂଆଦିଲ୍ଲୀ ,୧।୧(ପି.ଏନ) ; ୱାର୍ଲ୍ଡ ଓଡ଼ିଶା ସୋସାଇଟି (ୱାଓସୋ) ର ନୂତନ କର୍ମକର୍ତ୍ତା ନିର୍ବାଚ଼ନ ଆଭାସୀ ମତଦାନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ସର୍ବ ସମ୍ମତି କ୍ରମେ ବିଶ୍ୱଭରି ପ୍ରବାସୀ ଓଡ଼ିଆମାନଙ୍କର ଏହି ସର୍ବୋଚ୍ଚ଼ ସଙ୍ଗଠନର ଅଧ୍ୟକ୍ଷ ଭାବରେ ପୁନର୍ବାର ନିର୍ବାଚ଼ିତ ହୋଇଛନ୍ତି। ତିନି ଉପାଧ୍ୟକ୍ଷ ଭାବେ ଅଷ୍ଟ୍ରେଲିଆ ଓଡ଼ିଆ ସମାଜ (ଓରିଓଜ ଇଙ୍କ) ର ପୂର୍ବତନ ସଭାପତି ଡ଼ଃ. ନଳିନୀ ପତି, ଓଡ଼ିଆ ସମାଜ ଆବୁଧାବିର ପୂର୍ବତନ ସଭାପତି ପ୍ରଦୀପ ରଥ ଏବଂ ଆମେରିକାରେ ଅବସ୍ଥାପିତ ବିଶ୍ୱ ମହିଳା ପ୍ରତିଷ୍ଠାନର ଅଧ୍ୟକ୍ଷା ରୂପା ଦାଶ ନିର୍ଦ୍ୱନ୍ଦରେ ନିର୍ବାଚ଼ିତ ହୋଇଛନ୍ତି। ସେକ୍ରେଟାରୀ ଜେନେରାଲ ଭାବରେ ମଞ୍ଚ ?ଷ୍ଟର ନିବାସୀ ଓଡ଼ିଶା ସମାଜ ୟୁକେର ପୂର୍ବତନ ସାଧାରଣ ସମ୍ପାଦକ ଶିବ ରଞ୍ଜନ ବିଶ୍ୱାଳ ଏବଂ ଦୁଇ ଯୁଗ୍ମ ସେକ୍ରେଟାରୀ ଜେନେରାଲ ଭାବରେ ନେଦରଲାଣ୍ଡ ଓଡ଼ିଆ ସମାଜର ସଭାପତି ଶାଶ୍ୱତ ପାଢ଼ୀ ଓ ସିଓଲର ଅଧିବାସୀ ଡ଼ଃ. ସିତାଂଶୁ ଶେଖର ନନ୍ଦ ନିର୍ବାଚ଼ିତ ହୋଇଛନ୍ତି। ୱାଓସୋର ଆନ୍ତର୍ଜାତିକ ଆବାହକ ଭାବରେ ରୁଷ ଓଡ଼ିଆ ସମାଜର ସଭାପତି ସନ୍ତୋଷ ମିଶ୍ର ନିର୍ବାଚ଼ିତ ହୋଇଛନ୍ତି। ସାତଜଣିଆ ପ୍ରେସିଡିୟମର ସଦସ୍ୟ ଭାବରେ ୟୁଏଇ ଓଡ଼ିଶା ସମାଜର ସଭାପତି ଅମୀୟ ମିଶ୍ର, ଗଲଫ ଓଡ଼ିଆ ସମାଜର ସଭାପତି ଅଜୟ କୁମାର ଦାସ, ଘାନା ଓଡ଼ିଆ ସମାଜର ସଭାପତି ଦୀପକ ଦାସ, ମୁମ୍ବାଇରେ ଅବସ୍ଥାପିତ ଦେବଶ୍ରୀ ମଲ୍ଲିକ, ଗୁଜୁରାଟ ଓଡ଼ିଆ ସମାଜର ତୁଙ୍ଗ ନେତା ବଦ୍ରି ମହାପାତ୍ର, ନାଗପୁର ଓଡ଼ିଆ ସମାଜର ସଭାପତି ଅନୁପ ଶତପଥୀ ଓ ଉତ୍କଳ ମହାସଂଘ, ଆସାମର ସଭାପତି ଯୁଗେଶ ସୁନା ପ୍ରମୁଖ ନିର୍ବାଚ଼ିତ ହୋଇଛନ୍ତି । ୱାଓସୋର ଆନ୍ତର୍ଜାତିକ ସଂଯୋଜକ ଭାବରେ ଆମେରିକାର ଅକ୍ଷୟ ମହାନ୍ତି ଏବଂ ଯୁଗ୍ମ ସଂଯୋଜକ ଭାବରେ ଆମେରିକା ନିବାସୀ ବନୋଜିନୀ ନାୟକ ନିର୍ବାଚ଼ିତ ହୋଇଛନ୍ତି। ଜାତୀୟ ସଂଯୋଜକ ଭାବରେ କୋଲକାତାର ପ୍ରଦୀପ ମହାପାତ୍ର ଏବଂ ଯୁଗ୍ମ ସମ୍ପାଦକ ଭାବରେ ବେଙ୍ଗାଲୁରୁର ଲକ୍ଷ୍ମୀ ନାରାୟଣ ମିଶ୍ର ନିର୍ବାଚ଼ିତ ହୋଇଛନ୍ତି ।କୋଷାଧ୍ୟକ୍ଷ ଭାବରେ ଭୁବନେଶ୍ୱରର ସୁଶାନ୍ତ ପଣ୍ଡା, ଯୁଗ୍ମ କୋଷାଧ୍ୟକ୍ଷ ଭାବରେ ଦୁବାଇର ସୁଶାନ୍ତ ଚୌଧୁରୀ ଏବଂ ଅଡିଟର ଭାବରେ ନୂଆଦିଲ୍ଲୀରେ ଅବସ୍ଥାପିତ ସୁଧୀର ଦାଶ ନିର୍ବାଚ଼ିତ ହୋଇଛନ୍ତି। ପ୍ରୀତୀଶ ଦାଶ ୱାଓସୋର ପ୍ରାଇମ ମେଣ୍ଟର ପଦବୀରେ ବଜାୟ ରହିଛନ୍ତି। ଛଅଜଣିଆ ସାଧାରଣ ସମ୍ପାଦକ ପଦବୀରେ ଆମେରିକାର ବିଶ୍ୱ ଭୂଷଣ ସାହୁ, ୟୁକେରୁ ଡ଼ଃ. ରାଜେନ୍ଦ୍ର ସିଂହ, ନୂଆଦିଲ୍ଲୀର ଉମାକାନ୍ତ ଜେନା, ଭୁବନେଶ୍ୱରର ଅନିନ୍ଦିତା ଦାସ, ନୂଆଦିଲ୍ଲୀର ପୁଷ୍ପାଞ୍ଜଳି ବାରିକ ଏବଂ



ତାଞ୍ଜାନିଆର ବିଜୟ ସାହୁ ପ୍ରମୁଖ ନିର୍ବାଚ଼ିତ ହୋଇଛନ୍ତି। ନବ ନିର୍ବାଚ଼ିତ କର୍ମକର୍ତ୍ତାମାନେ ତିନିବର୍ଷ ପାଇଁ ସେମାନଙ୍କର ଦାୟିତ୍ୱ ବହନ କରିବେ ବୋଲି ଜଣାପଡିଛି। ୱାର୍ଲ୍ଡ ଓଡ଼ିଶା ସୋସାଇଟିର ସାଙ୍ଗଠନିକ ସାଧାରଣ ସମ୍ପାଦକ ଭାବରେ ନୂଆଦିଲ୍ଲୀର ଗଜେନ୍ଦ୍ର ସାହୁ ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ ରୁଆଣ୍ଡାର ଅଭିଲାଷ ନନ୍ଦ ଓ ନିଉଜିଲ୍ୟାଣ୍ଡର ପ୍ରେମ ନେପାକ ନିର୍ବାଚ଼ିତ ହୋଇଛନ୍ତି। ୱାଓସୋର ସୁସ୍ଥତା ସାଧାରଣ ସମ୍ପାଦକ ଭାବରେ ବେଙ୍ଗାଲୁରୁରେ ଅବସ୍ଥାପିତ ପ୍ରଖ୍ୟାତ ସ୍ନାୟୁ ରୋଗ ବିଶେଷଜ୍ଞ ଡଃ. ପ୍ରତାପ ପାଣି ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ନୂଆଦିଲ୍ଲୀର ଡଃ. ଅଶୋକ ଚୌଧୁରୀ ଓ ମାଲେସିଆର ଡଃ. ସ୍ନିଗ୍ଧା ମିଶ୍ର ନିର୍ବାଚ଼ିତ ହୋଇଛନ୍ତି। ଅନ୍ୟାନ୍ୟ ପଦପଦବୀ ମଧ୍ୟରେ ଆଇଟି ସାଧାରଣ ସମ୍ପାଦକ ଭାବରେ ନୂଆଦିଲ୍ଲୀର ଦୀପକ ସାହୁ ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ ଆମେରିକାର ଅଞ୍ଜନ କୁମାର ପଣ୍ଡା ଓ ବେଙ୍ଗାଲୁରୁର ଆଶୁତୋଷ ଦାସ, ଜନସମ୍ପର୍କ ଓ ପ୍ରୋଟୋକଲ ବିଭାଗର ସାଧାରଣ ସମ୍ପାଦକ ଭାବରେ ଭୁବନେଶ୍ୱରର କୃପାନିଧି ବିଶ୍ୱାଳ ଓ ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ ନୂଆଦିଲ୍ଲୀର ପ୍ରୀତମ ନାୟକ ଓ ଭୁବନେଶ୍ୱରର ସୁଚ଼ିସ୍ମିତା ପୃଷ୍ଟି, ସଂସ୍କୃତି ସାଧାରଣ ସମ୍ପାଦକ ଭାବରେ ନୂଆଦିଲ୍ଲୀର କାବେରୀ ବେହେରା ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ ଅଷ୍ଟ୍ରେଲିଆର ବାର୍ତ୍ତା ପଟ୍ଟନାୟକ ଏବଂ ସୁଇଜରଲ୍ୟାଣ୍ଡର ଡଃ. ବିଜୟଶ୍ରୀ ସାମଲ, ମାତୃଭାଷା ପ୍ରୋତ୍ସାହନ ବିଭାଗର ସାଧାରଣ ସମ୍ପାଦକ ଭାବରେ ଭୁବନେଶ୍ୱରର ପବିତ୍ର ମହାରଥା, ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ କୁଏତର ତୁଷାର ମିଶ୍ର ଏବଂ ରାଞ୍ଚି ଅଧିବାସୀ ବିନୟ ପଟ୍ଟନାୟକ, ପରିବେଶ ସାଧାରଣ ସମ୍ପାଦକ ଭାବରେ ଭୁବନେଶ୍ୱରରୁ ରାମକୃଷ୍ଣ ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ ପୁରୀର ମଧୁସୂଦନ ମିଶ୍ର ଏବଂ ରୁଆଣ୍ଡାର ବିବି ଗଡ଼ନାୟକ,ବ୍ୟଞ୍ଜନ ପ୍ରସ୍ତୁତି କରଣ ବିଭାଗର ସାଧାରଣ ସମ୍ପାଦକ ଭାବେ କାନାଡ଼ାର ପ୍ରଶାନ୍ତ ଭୂୟାଁ, ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ ଟିଟିଲାଗଡ଼ର ବୀଣାପାଣି ସାହୁ ଏବଂ ଚେନ୍ନାଇର ମିତାସ୍ମିତା ଜେନା ବଳ, ବ୍ରାଣ୍ଡ ପ୍ରସାରଣର ସାଧାରଣ ସମ୍ପାଦକ ଭାବରେ ୟୁକେର ଡଃ ରେଣୁକା ଜେନା ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ ଜିମ୍ବାୱେର ସଞ୍ଜୟ ଦାସ ଓ



ଭୁବନେଶ୍ୱରର ଗିରିଧାରୀ ନାୟକ, ଆଧ୍ୟାତ୍ମିକତା ବିଭାଗର ସାଧାରଣ ସମ୍ପାଦକ ଭାବରେ ବ୍ରହ୍ମପୁରର ଡ଼ଃ ସାଗର ରଞ୍ଜନ ତ୍ରିପାଠୀ ଓ ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ ପୁରୀର ରାମଚ଼ନ୍ଦ୍ର ବଡ଼ପଣ୍ଡା ଓ ଅଷ୍ଟ୍ରେଲିଆ ନିବାସୀ ପ୍ରିୟା ମିଶ୍ର, କ୍ରୀଡ଼ା ବିଭାଗରେ ସାଧାରଣ ସମ୍ପାଦକ ଭାବରେ ନୂଆଦିଲ୍ଲୀରେ ଅବସ୍ଥାପିତ ପ୍ରସିଦ୍ଧ ଟେନିସ ଖେଳାଳି ଓ କୋଚ୍ ଦିଲ୍ଲୀପ ମହାନ୍ତି, ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ କୋଲକାତା ନିବାସୀ ଅଶୋକ ଦାସ ଓ ନେଦରଲାଣ୍ଡର ଦୀନବନ୍ଧୁ ବେହେରା ,ଫିଟନେସ୍ ବିଭାଗର ସାଧାରଣ ସମ୍ପାଦକ ଭାବରେ ପ୍ରସିଦ୍ଧ କରାଟେ କୋଚ଼ ଭୁବନେଶ୍ୱରର ହରି ପଟ୍ଟନାୟକ ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ ନୂଆଦିଲ୍ଲୀ ନିବାସୀ ସୁଶାନ୍ତ ଚ଼ାନ୍ଦ ଏବଂ ୟୁଏଇଠାରେ ଅବସ୍ଥାପିତ ପ୍ରଖ୍ୟାତ ଡାଇଟିସିଆନ ନିହାରିକା ଦାଶ, ବୁଦ୍ଧିଜୀବୀ ବିଭାଗର ସାଧାରଣ ସମ୍ପାଦକ ଭାବରେ ବେଙ୍ଗାଲୁରୁ ନିବାସୀ ସୂର୍ଯ୍ୟ ମହାପାତ୍ର ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ ନୂଆଦିଲ୍ଲୀର ପ୍ରଫେସର ଅଞ୍ଜନା ପଟ୍ଟନାୟକ ଏବଂ ଓମାନ ନିବାସୀ ଡଃ ତପନ କୁମାର ମହନ୍ତ, ଶ୍ରମିକ ବ୍ୟାପାର ବିଭାଗର ସାଧାରଣ ସମ୍ପାଦକ ଭାବେ ଆବୁଧାବି ନିବାସୀ ସିଦ୍ଧାର୍ଥ ଦାସ ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ ନୂଆଦିଲ୍ଲୀରେ ଅବସ୍ଥାପିତ ରମାକାନ୍ତ ପ୍ରଧାନ ଓ ଭୁବନେଶ୍ୱର ନିବାସୀ ବାସୁଦେବ ଜେନା,କର୍ପୋରେଟ ବ୍ୟାପାର ଓ ପୁଞ୍ଜି ନିବେଶ ବିଭାଗର ସାଧାରଣ ସମ୍ପାଦକ ଭାବରେ ଭୁବନେଶ୍ୱର ନିବାସୀ ବିଶିଷ୍ଟ ଉଦ୍ୟୋଗପତି ବ୍ରହ୍ମା ମିଶ୍ର ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ ଭୁବନେଶ୍ୱରର ସୁନୀଲ ରାଉତ ଓ ଥାନେର ଆଲୋକ ରାଉତରାୟ, ଆନ୍ତର୍ଜାତିକ ସମ୍ପର୍କ ବିଭାଗର ସାଧାରଣ ସମ୍ପାଦକ ଭାବରେ ୟୁକେ ନିବାସୀ ଡଃ ଭାଗ୍ୟଶ୍ରୀ ସିଂହ ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ଜର୍ମାନୀର ଅମିତ ରାଓ୍ବଲ ଓ ଆମେରିକାର ସମୟ ସାହୁ, ଭ୍ରମଣ ଓ ପର୍ଯ୍ୟଟନ ବିଭାଗର ସାଧାରଣ ସମ୍ପାଦକ ଭାବେ ମିଆଁମାର ଓଡ଼ିଆ ସମାଜର ସଭାପତି ଡଃ ଶୀତଲ ପାଲ ବାବୁ ଏବଂ ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ଭିଏତନାମର ପରମାନନ୍ଦ ମହାପାତ୍ର ଓ ଭୁବନେଶ୍ୱରର ଡଃ ସରୋଜିନୀ ପାଣି ପ୍ରମୁଖ ନିର୍ବାଚ଼ିତ ହୋଇଥିବା ପ୍ରାପ୍ତ ସୂଚ଼ନାରୁ ପ୍ରକାଶ। ଶ୍ରୀ ସାହିତ୍ୟର ସମ୍ପାଦକ କୃଷ୍ଣ ନାୟକ

ୱାଓସୋର ମୁଖ୍ୟ ମିଡ଼ିଆ ସଂଯୋଜକ ଏବଂ ନୂଆଦିଲ୍ଲୀର ପ୍ରଭାତୀ ନାୟକ ଓ ୟୁଏଇର ସୁଧାଶ୍ରୀ ଦାଶ ଯୁଗ୍ମ ମିଡିଆ ସଂଯୋଜକ ଭାବରେ ନିର୍ବାଚ଼ିତ ହୋଇଛନ୍ତି। ସୁପ୍ରିମକୋର୍ଟର ଅଧିବକ୍ତା ସସ୍ମିତା ତ୍ରିପାଠୀ ୱାଓସୋର ନୂଆ ମୁଖ୍ୟ ମୁଖପାତ୍ର ହେବେ । ୱାଓସୋର ପାଞ୍ଚଜଣିଆ ମୁଖପାତ୍ର ଭାବରେ ଜାପାନର କୁନା ଦାଶ, ଭୁବନେଶ୍ୱରର ମନୋଜ ନାୟକ, ଚେନ୍ନାଇର ସଞ୍ଜୀବ ପଟ୍ଟନାୟକ, ପୁରୀର ଜୟଶ୍ରୀ ମହାପାତ୍ର ଓ ନୂଆଦିଲ୍ଲୀର ବିନାୟକ ଦାସ ନିର୍ବାଚ଼ିତ ହୋଇଛନ୍ତି ଓ କୋଲକାତାର ବିଶିଷ୍ଟ ସାହିତ୍ୟିକ ପୀତାମ୍ବର ବାରିକ ପ୍ରକାଶନ ବିଭାଗ ସମ୍ପାଦକ ହେବେ। ପାଞ୍ଚଜଣ ଅତିରିକ୍ତ ସମ୍ପାଦକ ଭାବରେ କାନାଡ଼ାର ଡଃ ତନ୍ମୟ ପଣ୍ଡା, ନୂଆଦିଲ୍ଲୀର ଡଃ ଅନୀତା ପଣ୍ଡା, ଯାଜପୁରର ସୁକାନ୍ତି ରାଉତ, ଭୁବନେଶ୍ୱରର ଡଃ ସୁନୀତି ମୁଣ୍ଡ ଓ ଜୀତୁ ମିଶ୍ର ପ୍ରମୁଖ ଅନର୍ଭୂକ୍ତ ହୋଇଛନ୍ତି। ୱାଓସୋର ଆନ୍ତର୍ଜାତିକ ଆଇନ ପରାମର୍ଶଦାତା ଭାବରେ ନୂଆଦିଲ୍ଲୀର ଅବନୀ ସାହୁ ଓ ଆମେରିକାର ସୁଚ଼ିସ୍ମିତା ଭୂୟାଁ ନାୟକ ଏବଂ ଜାତୀୟ ଆଇନ ପରାମର୍ଶଦାତା ଭାବରେ ଜୟପୁରର ଅଜିତ ପାତ୍ର ଓ ଭୁବନେଶ୍ୱରର ପ୍ରଶାନ୍ତ କୁମାର ସାହୁ ନିର୍ବାଚ଼ିତ ହୋଇଛନ୍ତି ।ୱାର୍ଲ୍ଡ ଓଡ଼ିଶା ସୋସାଇଟିର ମହିଳା ଶାଖାର ସଭାପତି ଭାବରେ କାନାଡ଼ାର ଡ଼ଃ ସୁନନ୍ଦା ମିଶ୍ର ପଣ୍ଡା,ଉପସଭାପତି ଭାବରେ ଅଷ୍ଟ୍ରେଲିଆର ପ୍ରଭାତୀ ପାଣିଗ୍ରାହୀ ଓ ନୂଆଦିଲ୍ଲୀର ରୀତା ପାତ୍ର, ସାଧାରଣ ସମ୍ପାଦକ ଭାବରେ ଭୁବନେଶ୍ୱରର ଡଃ ଚ଼ିଦାତ୍ମିକା ଖଟୁଆ ଏବଂ ଦୁଇ ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ ନୂଆଦିଲ୍ଲୀର ଡଃ ସାଗରୀକା ବର୍ମା ଏବଂ ବେଙ୍ଗାଲୁରୁର ସୀମିତା ଷଡଙ୍ଗୀ ପ୍ରମୁଖ ପୁନଃ ନିର୍ବାଚ଼ିତ ହୋଇଛନ୍ତି। ୱାଓସୋର ଯୁବ ଶାଖାର ପ୍ରୋତ୍ସାହକ ଭାବରେ ଅଷ୍ଟ୍ରେଲିଆର ରାମ ପ୍ରସାଦ ମହାନ୍ତି ଏବଂ ସଦସ୍ୟ ଭାବରେ ବ୍ରିଟେନର ଶ୍ୱ ?ତଲାନା ନନ୍ଦ, ନୂଆଦିଲ୍ଲୀର ନନ୍ଦନ ଦ୍ୱିବେଦୀ ଏବଂ ୟୁଏଇର ଅମ୍ରିତ ବାହିନୀପତି ପ୍ରମୁଖ ନିର୍ବାଚ଼ିତ ହୋଇଛନ୍ତି। ଏହା ବ୍ୟତୀତ କାବେରୀ ବେହେରା ଅତିରିକ୍ତ ଭାବରେ ଅଫିସ ପ୍ରଶାସନର ସାଧାରଣ ସମ୍ପାଦକ ଦାୟିତ୍ୱଏବଂ ବନୋଜିନୀ ନାୟକ ଓ ବାସୁଦେବ ଜେନା ଯୁଗ୍ମ ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟଭାର ନିର୍ବାହ କରିବେ ବୋଲି ଜଣାପଡିଛି । ରିଟର୍ଣ୍ଣିଙ୍ଗ ଅଫିସର ସୁଧୀର ଦାଶଙ୍କର ତତ୍ତ୍ୱାବଧାନରେ ଡିଜିଟାଲ ମଞ୍ଚରେ ନିର୍ବାଚ଼ନ ସୁରୁଖୁରୁରେ ସମାପନ ହେବା ପରେ ସେ ଆନୁଷ୍ଠାନିକ ଭାବରେ ଫଳାଫଳ ଘୋଷଣା କରିଥିଲେ। ୱାର୍ଲ୍ଡ ଓଡ଼ିଶା ସୋସାଇଟିର ପ୍ରତିଷ୍ଠାତ୍ରୀ ବିଶିଷ୍ଟ ସମାଜସେବୀ ଡଃ ଅରୁନ୍ଧତୀ ଦେବୀ,ପୃଷ୍ଠପୋଷକ ଯାଜପୁରର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଏବଂ ଉପଦେଷ୍ଟା ଆମେରିକାରେ ଅବସ୍ଥାପିତ ପ୍ରତିଷ୍ଠିତ ଶିଳ୍ପଦ୍ୟୋଗି ଧୀରେନ୍ଦ୍ର କର ଅଛନ୍ତି।

# ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ନିର୍ବାଚ଼ନ ସଭାପତି ହେଲେ ବିଭୁ ପ୍ରସାଦ ତ୍ରିପାଠୀ

ଭୁବନେଶ୍ୱର / ମାଲକାନଗିରି,୧।୧(ପି.ଏନ): ଓଡ଼ିଶାର ଆଇନଜୀବୀ ମାନଙ୍କ ସର୍ବବୃହତ୍ ଓ ସର୍ବ-ପୁରାତନ ସଙ୍ଗଠନ, ନିଖିଳ ଓଡ଼ିଶା ଆଇନଜୀବୀ ସଂଘରସଭାପତି ଭାବେ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ ନିର୍ବାଚ଼ିତ ହୋଇଛନ୍ତି । ମାଲକାନାଗିରିରେ ଆୟୋଜିତ ସଂଘର ୫୩ତମ ବାର୍ଷିକ ଅଧିବେଶନରେ, ରାଜ୍ୟର ପ୍ରତିଷ୍ଠିତ ଆଇନଜୀବୀ ତଥା ରାଜ୍ୟ ବାର୍ କାଉନସିଲର ସଦସ୍ୟ ଶ୍ରୀଯୁକ୍ତ ତ୍ରିପାଠୀ ଓ ରାଇରଙ୍ଗପୁର ବାରର ଆଇନଜୀବୀ ଶ୍ରୀଯୁକ୍ତ ସଂଜୀବ ମହାନ୍ତି, ଯଥାକ୍ରମେ ସଭାପତି ଓ ସାଧାରଣ ସଂପାଦକ ଭାବେ ନିର୍ବାଚ଼ିତ ହୋଇଛନ୍ତି ବୋଲି ନିର୍ବାଚ଼ନ ଅଧିକାରୀ ଗୁରୁ ପ୍ରସାଦ ମହାନ୍ତି ଘୋଷଣା କରିଛନ୍ତି। ଶ୍ରୀଯୁକ୍ତ ତ୍ରିପାଠୀ, ପୂର୍ବରୁ ଏହି ସଂଘର ସାଧାରଣ ସଂପାଦକ ଭାବେ ୨ଥର ଦାୟିତ୍ୱ ନିର୍ବାହ କରିଛନ୍ତି । ସେହିଭଳିସଂଘର ଏହି କମିଟିକୁ ୭୫ ଜଣ ଆଇନଜୀବୀ ଭିନ୍ନ ଭିନ୍ନ ପଦରେ ନିର୍ବାଚ଼ିତ ହୋଇଛନ୍ତି। ୨ବର୍ଷ ପାଇଁ ନିର୍ବାଚ଼ିତ ହୋଇଥିବା



ସଭାପତି ଶ୍ରୀଯୁକ୍ତ ତ୍ରିପାଠୀ, ଓକିଲ ମାନଙ୍କ ସୁରକ୍ଷା ଆଇନ ଓ ଆଡଭକେଟ୍ଏକାଡେମୀ ପ୍ରତିଷ୍ଠା ,ରାଜ୍ୟରେ ଖାଲିପଡିଥିବା ଲୋକାୟୁକ୍ତ ଅଧ୍ୟକ୍ଷ ,ସଦସ୍ୟ ପଦ ଓ ଅନ୍ୟାନ୍ୟ କମିଶନ ଗୁଡିକରେ ଖାଲିପଡିଥିବା ପଦବୀ ଗୁଡିକ ରାଜ୍ୟସରକାର ତୁରନ୍ତ ପୁରାଣ କରିବା ସହିତ ଆଇନଜୀବୀ ମାନଙ୍କର ସ୍ୱାସ୍ଥ୍ୟ ବୀମା , ସାମାଜିକ ସୁରକ୍ଷାକୁ ପ୍ରାଥମିକତା ଦେବେବୋଲି ରାଜ୍ୟ ସରକାରଙ୍କୁ ଶ୍ରୀ ତ୍ରିପାଠୀ ଅନୁରୋଧ କରିଛନ୍ତି ଛ ଆଗାମୀ ବର୍ଷ ଠାରୁ ସଂଘର ବାର୍ଷିକ ଅଧିବେଶନ, ଗୋଟିଏ ସ୍ଥାନରେ କରିବାକୁ ସେ ସମସ୍ତ ସଭ୍ୟମାନଙ୍କୁ ଅନୁରୋଧ କରିଛନ୍ତି।










# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** - କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** - ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** - କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** - ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** - ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** - ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** - ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** - ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** - ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** - କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** - ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** - କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍ଣୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# କୃଷି ବିଲ୍‌କୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ସମାବେଶ

ଖୋର୍ଦ୍ଧା (ପିଏନ)-କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆଣିଥିବା କୃଷି ବିଲ ହେଉଛି କୃଷି ମାରଣ ବିଲ୍। ଏହି ବିଲ୍ ପାସ୍ ହେବା ଦ୍ୱାରା ବଡ ବଡ କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି। ଏହି କୃଷି ମାରଣ ବିଲ୍‌କୁ ସାରା ଭାରତବର୍ଷରେ ଚାଷୀ, ସାଧାରଣ ଲୋକ ବିରୋଧ କରୁଥିବା ବେଳେ ଓଡିଶାରେ ମଧ୍ୟ ବିରୋଧ କରାଯାଇଛି। ଏହି ଅବସରରେ କିଛି ଦିନ ତଳେ ପ୍ରଦେଶ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଠାରେ ଏକ ରାଜ୍ୟସ୍ତରୀୟ କୃଷି ସମାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଏବଂ ଚାଷୀ ସେମାନଙ୍କ ଟ୍ରାକ୍ଟର ଓ ହଳଲଙ୍ଗଳ ଧରି ଅଭିନବ ଉପାୟରେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଥିଲେ। କୃଷି ବିଲ୍ ଆଇନ୍‌ର ପ୍ରତ୍ୟାହାର ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ



ଅନୁପସ୍ଥିତିରେ ତହସିଲ୍‌ଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କୃଷି ବିଲ୍ ପାରିତ ହେବା ଦ୍ୱାରା କୃଷକମାନେ କେତେ ଯେ ହଇରାଣ ହରକତ ହେବେ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତ୍ରୀବ୍ର ସମାଲୋଚନା କରିଥିଲେ। ଓଡିଶାରେ କଂଗ୍ରେସ ସରକାର ସମୟରେ ଚାଷୀମାନଙ୍କର ଅଭୂତପୂର୍ବ ଉନ୍ନତି ହୋଇଥିଲା। କୃଷି ଶିଳ୍ପ ସାଂଗକୁ ଜଳସେଚନ ବ୍ୟବସ୍ଥାକୁ ମଜବୁତ କରାଯାଇଥିଲା। ଦିର୍ଘ ୨୧ ବର୍ଷ ଧରି ଏଠାରେ ଶାସନ କରୁଥିବା ନବୀନ ସରକାର ଚାଷୀ ତଥା କୃଷି କ୍ଷେତ୍ରକୁ ଅବହେଳା କରିଛନ୍ତି। ଏହି ଚାଷୀବିଲ୍ ପାରିତ ହେବା ପରେ ଚାଷୀମାନେ ତାଙ୍କ ଖାଦ୍ୟଶସ୍ୟର ଉପଯୁକ୍ତ ମୂଲ୍ୟ ନପାଇବାରୁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସାଧାରଣ ଜନତା ବି ଏଥିରୁ ତ୍ରାହି ପାଇନାହାନ୍ତି। ବର୍ତମାନ ଅତ୍ୟାବଶ୍ୟକୀୟ ସାମଗ୍ରୀ, ଫଳ, ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟରେ କରୋନା ମହାମାରୀ ବର୍ତମାନ ସଂକଟ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସାଧାରଣ ଲୋକଟିଏ ଜୀବନ ବଂଚାଇବା ପାଇଁ ସଂଘର୍ଷ କରୁଛି। ଏହି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଢ଼ିବା ତାଙ୍କ ଉପରେ ବୋଝ ଉପରେ ଲଳିତାବିଡା ସଦୃଶ ହୋଇଛି। ତେଣୁ ଏହି କଳା କୃଷି ବିଲ୍ ଆଇନ୍‌କୁ ସମସ୍ତ ଜନସାଧାରଣ ବିରୋଧ କରିବା ଉଚିତ୍ ବୋଲି ଶ୍ରୀ ରାଉତରାୟ ତାଙ୍କ ଉଦ୍‌ବୋଧନରେ କହିଥିଲେ। ଆଜିର ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶୁଭେନ୍ଦୁ ମହାନ୍ତି, ପ୍ରଦୀପ ସ୍ୱାଇଁ, ପ୍ରଦୀପ ସାହୁ, ଶିଶିର ପରିଡା, ସଂଗ୍ରାମ ରାଉତରାୟ, ସୁନିଲ୍ ରାଉତରାୟ, ସୁଧାଂଶୁ ମୋହନ ପଟ୍ଟନାୟକ, ତ୍ରିଲୋଚନ ପ୍ରଧାନ, ତପନକାନ୍ତ ଚକ୍ରବର୍ତୀ, ଅମିତ୍ ମହାନ୍ତି, କଳିଙ୍ଗ ସାହୁ, ନୌସର ଅଲ୍ଲୀ, ବୃନ୍ଦାବନ ସାହୁ, ଅନନ୍ତ ବେହେରା, ବାବୁଲି ରାଉତରାୟ, ଦିବାକର ବେହେରା, ପଦୁ ରାୟ, ସଂଜୟ ପଟ୍ଟନାୟକ, ଜୟକୃଷ୍ଣ ମଲିଆ, ସ୍ୱାଗତ କର, ବଟକୃଷ୍ଣ ରାଉତରାୟ, ଜୟନ୍ତ ଭୋଇ, ପ୍ରସାଦ ବଳିୟାରସିଂ, କାଳନ୍ଦି ଚରଣ ନାୟକ, ସୁବାସ ପାତ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ନିଶାମୁକ୍ତ ଭାରତ- ଏକ ଆହ୍ୱାନ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଆସନ୍ତା ୨୦୪୭ ସୁଦ୍ଧା ଦେଶକୁ ନିଶାମୁକ୍ତ (ଡ୍ରଗ୍ସ ଫ୍ରି) ରାଷ୍ଟ୍ର କରିବା ପାଇଁ ଭାରତ ଲକ୍ଷ୍ୟ ଧାର୍ଯ୍ୟ କରିଛି। ମାତ୍ର ଏବେ ଦେଶରେ ନିଶା ପ୍ରତି ଯୁବପିଢୀଙ୍କ ଆସକ୍ତି ଯେପରି ବଢିଚାଲିଛି, ଏହି ଲକ୍ଷ୍ୟ ହାସଲ ହୋଇପାରିବ କି ନାହିଁ, ତାହା ଭବିଷ୍ୟତ ହିଁ କହିବ, କେବଳ ଏତିକି ନୁହେଁ, ଦିନକୁ ଦିନ ଦେଶରେ ନିଶା ବେପାରୀଙ୍କ ସଂଖ୍ୟା ବଢିଚାଲିଛି ଏବଂ ଗଞ୍ଜେଇ ଠାରୁ ଆରମ୍ଭ କରି ବ୍ରାଉନସୁଗର, ଚରସ ପର୍ଯ୍ୟନ୍ତ ନିଶା କାରବାର ଯେପରି କାୟା ବିସ୍ତାର କରିଚାଲିଥିବାବେଳେ ମଦ୍ୟପଙ୍କ ସଂଖ୍ୟା ବଢିଚାଲିଛି, ସେହି ପରିସ୍ଥିତିରେ ଏଭଳି ଉତୁଙ୍ଗ ଲକ୍ଷ୍ୟ ପୁରଣ କେବଳ କଥାରେ ହାସଲ କରିହେବ ନାହିଁ, କାମରେ ହିଁ କରି ଦେଖାଇବାର ଆବଶ୍ୟକତା ରହିଛି। କହିବା ବାହୁଲ୍ୟ ଯେ, ଏବେ ସହରଠାରୁ ଆରମ୍ଭ କରି ଗାଁ ଗହଳି ଏବଂ ବିଶେଷ କରି ଶିକ୍ଷାନୁଷ୍ଠାନରେ ଯେପରି ପହଁଚି ଗଲାଣି, ତାହା କେବଳ ଉଦ୍‌ବେଗଜନକ ସ୍ଥିତି ଉତ୍ପନ କରିନାହିଁ, ଦେଶକୁ ସଂକଟ ମୁହଁକୁ ଠେଲି ଦେଇଛି ବୋଲି କୁହାଯାଇପାରିବ। ଏକ ପରିସଂଖ୍ୟାନରୁ ଜଣାପଡିଛି ଯେ, ଦେଶରେ କୋଟି କୋଟି ଯୁବପିଢୀ ଗଞ୍ଜେଇ, ମଦ, ବ୍ରାଉନ୍‌ସୁଗାର, ଚରସ ଆଦି ନିଶାଦ୍ରବ୍ୟରେ ଅଭ୍ୟସ୍ତ ହୋଇପଡିଥିବା ଚୋରା ବେପାରୀଙ୍କ ସଂଖ୍ୟା ମଧ୍ୟ ବଢିଚାଲିଛି। ଗଞ୍ଜେଇ ଚୋରାଚାଲାଣ ଓ ଜବତ ଏବେ ଏବେ ପ୍ରତିଦିନ ଗଣମାଧ୍ୟମର ଶିରୋନାମା ପାଲଟିଥିବାବେଳେ ଗାଁ ଗହଳିରେ ଦେଶୀ ମଦ ତିଆରି କୁଟୀର ଶିଳ୍ପରେ ପରିଣତ ହୋଇଗଲାଣି। ଆମ ରାଜ୍ୟରେ ଆସ୍କା ଫଟି ନାମକ ଏକ ଦେଶୀ ମଦ ଏବେ ପ୍ରଭାବ ବିସ୍ତାର କରିଛି, ଏହି ନିଶାର କବଳରେ କେବଳ ଯୁବପିଢୀ ନୁହେଁ, ସୁବବର୍ଗର ଲୋକ କବଳିତ ହୋଇଯାଇଥିବା କହିଲେ ଅତିରଂଜିତ ହୋଇନପାରେ। କେବଳ ମଦ ନୁହେଁ, ଗଞ୍ଜେଇ ଚାଷ, ସେବନ ଏବଂ ଚୋରାଚାଲାଣରେ ଓଡିଶା ପ୍ରଥମ ସ୍ଥାନ ଅଧିକାର କରିଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଶେଷ କରି ଓଡିଶା, ସମେତ ଉତରପ୍ରଦେଶ, ପଞ୍ଜାବ, ମହାରାଷ୍ଟ୍ର, ହରିଆନା, ମଧ୍ୟପ୍ରଦେଶ, ଦିଲ୍ଲୀ, ଆନ୍ଧ୍ରପ୍ରଦେଶ, ପଶ୍ଚିମ ଏବଂ ରାଜସ୍ଥାନରେ ଗଞ୍ଜେଇ କାରବାର ଚରମ ସୀମାରେ ପହଁଚିଥିବା ଭାରତ ସରକାରଙ୍କ ଏକ ରିପୋର୍ଟରୁ ଜଣାଯାଇଛି। ବିଡମ୍ବନାର ବିଷୟ ଯେ, ନାର୍କୋଟିକ ବିଭାଗ ପକ୍ଷରୁ ଗତ ୫ବର୍ଷ ଭିତରେ ସର୍ବାଧିକ ଧରପଗଡ କରାଯାଇ ନିଶାଦ୍ରବ୍ୟ ଜବତ ହେବା ପରେ ମଧ୍ୟ ନିଶାର ଚେର ଆମ ଦେଶକୁ ଅଧିକ କବଳିତ କରିବାରେ ଲାଗିଛି। ଦେଶ ଭିତରେ ଗଞ୍ଜେଇର ଚୋରାଚାଲାଣ, ଦେଶୀ, ବିଦେଶୀ ମଦର ପ୍ରସାର ବଢିଚାଲିଥିବାବେଳେ ସୀମାପାର ଏବଂ ସମୁଦ୍ର ପଥ ଦେଇ ଦେଶ ଭିତରକୁ ଆସୁଥିବା କୋଟିକୋଟି ଟଙ୍କାର ଡ୍ରଗ୍ସ ଜବତ ହେବା ଘଟଣା ଦେଶରେ ଏହାର କାରବାରର ଗଭୀରତା ସୂଚନା ପ୍ରଦାନ କରେ। ସେହିପରି ବ୍ରାଉନସୁଗରର କାରବାର ମଧ୍ୟ କିଛି କମ୍ ନୁହେଁ। କେବଳ ସହରାଂଚଳରେ ସୀମିତ ଥିବା ଧଳାଜହର ଏବେ ଗ୍ରାମାଂଚଳରେ କାୟାବିସ୍ତାର କରିସାରିଲାଣି। ଯାହାକି ନିକଟ ଅତୀତ ଘଟଣାବଳୀ ସ୍ପଷ୍ଟ ସଂକେତ ପ୍ରଦାନ କରେ। କହିବା ବାହୁଲ୍ୟ ଯେ, ଆମ ରାଜ୍ୟରେ ନିକଟ ଅତୀତରେ ୧୦୦ କ୍ୱିଂଟାଲରୁ ଅଧିକ ଗଞ୍ଜେଇ ଚୋରା ଚାଲାଣ ହେଉଥିବାବେଳେ ଜବତ ହୋଇଛି। ଆହୁରି ମଧ୍ୟ ରାଜ୍ୟର ଦୁର୍ଗମ ପାହାଡିଆ ଅଂଚଳରେ ହଜାର ହଜାର ଏକ ଜମିରେ ଗଞ୍ଜେଇ ଚାଷ ହୋଇଥିବା ଅଭିଯୋଗ ହୁଏ। ପୋଲିସ-ଅବକାରୀ ବିଭାଗ ମିଳିତ ଭାବେ ଏକର ଏକର ଜମିରେ ହୋଇଥିବା ଗଞ୍ଜେଇ ନଷ୍ଟ କରିଥିବା ସରକାରୀ ତଥ୍ୟ କହେ। କେବଳ ଏତିକି ନୁହେଁ, ରାଜ୍ୟରେ ଅଧିକ ରାଜସ୍ୱ ଆୟରେ ସହର ବଜାରଠାରୁ ଆରମ୍ଭ କରି ଗାଁ ଗହଳି ପର୍ଯ୍ୟନ୍ତ ସବୁଠାରେ ଛତୁ ଫୁଟିବା ଭଳି ବିଦେଶୀ ମଦ ଦୋକାନମାନ ଗଢିଉଠିଛି। ଶିକ୍ଷାନୁଷ୍ଠାନ ମଧ୍ୟ ଏଥିରୁ ବାଦ ପଡିନାହିଁ। ବିଦେଶୀ ମଦଦୋକାନ ଗୁଡିକରେ ନିକଟରେ ସନ୍ଧ୍ୟା ସମୟରେ ଯେଉଁଭଳି ଭିଡ ସୃଷ୍ଟି ହୁଏ, ତାହା କୌଣସି ଉତ୍ସବର ଭ୍ରମ ସୃଷ୍ଟି କରେ। ରାଜ୍ୟରେ ମଦ ବିକ୍ରୀ ବଢିଛି, ରାଜସ୍ୱ ଆୟ ବଢିଥିବା ନେଇ ନିକଟରେ ରାଜ୍ୟ ଅବକାରୀ ମନ୍ତ୍ରୀ ସୂଚନା ଦେଇଥିଲେ। ଏଥିରୁ ରାଜ୍ୟରେ ମଦ୍ୟପଙ୍କ ସଂଖ୍ୟା ବଢିଥିବା ସୂଚନା ପ୍ରଦାନ କରେ। ଭାରତକୁ ଏକ ନିଶାମୁକ୍ତ ରାଷ୍ଟ୍ର ଭାବେ ଗଢିତୋଳିବାକୁ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ସ୍ୱପ୍ନ ଥିଲା। ଇତିମଧ୍ୟରେ ସ୍ୱାଧୀନତାର ୭୫ବର୍ଷ ପୁରିଥିବାବେଳେ ସ୍ୱପ୍ନ କେବଳ ସ୍ୱପ୍ନରେ ରହିନାହିଁ, ନିଶା କାରବାର ଏବଂ ନିଶା ସେବନକାରୀଙ୍କ ସଂଖ୍ୟା ଚରମ ସୀମାରେ ପହଁଚି ଯାଇଥିବାବେଳେ ୨୦୪୭ ସୁଦ୍ଧା ଅର୍ଥାତ ସ୍ୱାଧୀନତାର ଶତବାର୍ଷିକୀ ସୁଦ୍ଧା ଦେଶକୁ ନିଶାମୁକ୍ତ ରାଷ୍ଟ୍ର କରିବାକୁ ସରକାର ରଖିଥିବା ଲକ୍ଷ୍ୟ ଏକ ସ୍ୱପ୍ନ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ସମ୍ବିଧାନର ଧାରା ୪୭ରେ ହାନିକାରକ ମଦ୍ୟ ସେବନକୁ ବାରଣ କରାଯାଇଥିବାବେଳେ କେବଳ ଔଷଧ ଭାବେ ବ୍ୟବହାର କ୍ଷେତ୍ରରେ ଅନୁମତି ଦିଆଯାଇଛି। ମଦ ବନ୍ଦ ପରିବର୍ତେ ଏବେ ରାଜସ୍ୱ ବୃଦ୍ଧି ମଦବିକ୍ରୀ ଉପରେ ରାଜ୍ୟ ସରକାରମାନେ ଗୁରୁତ୍ୱ ଦେଉଛନ୍ତି। ଉଲ୍ଲେଖଯୋଗ୍ୟ ଦେଶରେ ପ୍ରଥମ ରାଜ୍ୟ ଭାବେ ଗୁଜରାଟରେ ମଦ ନିଷିଦ୍ଧ ହୋଇଥିବାବେଳେ ପରେ ୧୯୭୯ରେ ନାଗଲାଣ୍ଡ, ୧୯୯୧ରେ ମଣିପୁର ଏବଂ ୨୦୧୬ରେ ବିହାର ମଦ ଉତ୍ପାଦନ, ବିକ୍ରୀ ଏବଂ ବ୍ୟବହାରକୁ ନିଷିଦ୍ଧ ହୋଇଥିବା ସତ୍ତ୍ୱେ ଚୋରା ମଦବିକ୍ରୀ ସହ ବିଷାକ୍ତ ମଦମୃତ୍ୟୁ ବଢିଚାଲିଛି। ତାହା ମଦ ପ୍ରତି ମଦ୍ୟପଙ୍କ କେତେ ଆଶକ୍ତି ତାହା ସ୍ପଷ୍ଟ ବୁଝାପଡେ। କିନ୍ତୁ ଏହା ନିସନ୍ଦେହ ଯେ, କେବଳ ଆଇନ ଦ୍ୱାରା ନିଶା ସେନକୁ ବନ୍ଦ କରାଯାଇ ପାରିବ ନାହିଁ। ଏଥିପାଇଁ ବ୍ୟାପକ ସଚେତନତା ଏବଂ ଛାତ୍ରଛାତ୍ରୀଙ୍କୁ ଏହାର ଅପକାରିତା ସମ୍ପର୍କରେ ଶିକ୍ଷା ଦିଆଯିବା ଜରୁରୀ। ଆହୁରି ମଧ୍ୟ କଠୋର ଆଇନ ଦ୍ୱାରା ନିଶାବେପାରୀଙ୍କ ସାମ୍ରାଜ୍ୟ ଭାଙ୍ଗିବା ପାଇଁ ସରକାର ସଂକଳ୍ପ ନେବା ଆବଶ୍ୟକ। ଏବେ ନିଶାମୁକ୍ତ ଭାରତ ଏକ ଆହ୍ୱାନ, ଏଥିରେ ସନ୍ଦେହ ନାହିଁ।

*ସମ୍ମାନ ଭବନ,*
*ଫ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ ି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବେ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା ି କ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ, ରଜତ କୁମାର ଗିରି, କୌଳାଶ ଚନ୍ଦ୍ର ଜେନା, ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ, ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ, ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

# ତାରିଣୀ ମା'ଙ୍କ ବରିଷ୍ଠ ପୂଜକଙ୍କ ଦେହାନ୍ତ

ଗୋଲାବନ୍ଧ(ପିଏନ)-ଘଟଗାଁ ତାରିଣୀ ମନ୍ଦିରର ବରିଷ୍ଠ ପୂଜକ ଦୁର୍ଯ୍ୟୋଧନ ଦେହୁରୀ(୯୮)ଙ୍କ ଆଜି ସକାଳେ ଗୋଲାବନ୍ଧ ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟ କାରଣରୁ ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ସମସ୍ତ ପୁଅ, ଝିଅ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ଅଂଚଳର ବହୁ ବରିଷ୍ଠ ନେତୃବୃନ୍ଦ ଦର୍ଶନ କରିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମା'ତାରିଣୀଙ୍କ ବରିଷ୍ଠ ପୂଜକଙ୍କ ମୃତ୍ୟୁ ଖବର ଶୁଣିବା ପରେ ଗୋଲାବନ୍ଧ ଠାରୁ ଆରମ୍ଭ କରି ଘଟଗାଁ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# କାଦୁଅ ବିଲରେ ଫସି ହାତୀ ଶାବକର ମୃତ୍ୟୁ

କେନ୍ଦୁଝର(ପିଏନ)-ଭୂୟାଁ ଜୁଆଙ୍ଗ ପୀଢ କୁଶକଳା ବିଟ୍ ଅନ୍ତର୍ଗତ ନଡାପାଣି ଗାଁ ବିଲ କାଦୁଅରେ ଫସି ଗୋଟିଏ ୨ବର୍ଷର ହାତୀ ଶାବକର ମୃତ୍ୟୁ ହୋଇଥିବା ଜଣାପଡିଛି। ୯ଟି ହାତୀ ଥିବା ଗୋଟିଏ ଦଳ ଗୁରୁବାର ଦିନ ପାହାଡତଳ ଗାଁ ନଡାପାଣିରେ ରହିଥିଲେ। ଏହି ଦଳରେ ୨ଟି ଦନ୍ତା, ୪ଟି ମାଈ ଓ ୩ଟି ଛୁଆ ହାତୀ ଥିଲେ। ବନବିଭାଗର ସ୍କ୍ୱାର୍ଡ ମଧ୍ୟ ଏହି ଦଳ ଉପରେ ତୀକ୍ଷଣ ନଜର ରଖିଥିଲା। ତେବେ ଭୋର ସମୟରେ ହାତୀ ଦଳ କାଦୁଅ ବିଲ ଦେଇ ଯାଉଥିବାବେଳେ ୨ବର୍ଷର ଶାବକଟି କାଦୁଅରେ ଫସି ଯାଇଥିଲା। ଅନ୍ୟ ହାତୀମାନେ ଶାବକଟିକୁ କାଦୁଅରୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ



ହୋଇଥିଲେ। ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ହାତୀ ଗର୍ଜନ ଶୁଣି ବନବିଭାଗକୁ ଖବର ଦେଇଥିଲେ। ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ, ଶୁଆକାଟୀ ଫରେଷ୍ଟର ଟିକେଶ୍ୱର ମହାନ୍ତ ଏବଂ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ସକାଳ ୯ଟା ସମୟରେ ପହ ି ବା ବେଳକୁ ହାତୀ ଶାବକଟିର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ଡିଏଫ୍‌ଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବାବେଳେ ଶନିବାର ଦିନ ହାତୀ ଶାବକଟିର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା।

# ପାରାଦୀପ ବଣିକ ସଙ୍ଘ ର ନବନିର୍ବାଚିତ କର୍ମକର୍ତ୍ତା ଙ୍କ ପ୍ରଥମ ସାଧାରଣ ବୈଠକ

ପାରାଦୀପ,(ପି.ଏନ): ପାରାଦୀପ ପୋର୍ଟ ବଣିକ ସଂଘର ନବନିର୍ବାଚିତ କର୍ମକର୍ତ୍ତା ସାଧାରଣ ବୈଠକ ନୂତନ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ ଙ୍କ ସଭାପତିତ୍ୱ ରେ ସଙ୍ଘ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି କ୍ଷ ଦୀର୍ଘ ବର୍ଷ ଧରି ଅବହେଳିତ ହୋଇ ଆସୁଥିବା ବଣିକ ସଙ୍ଘ ଓ ବ୍ୟବସାୟୀ ମାନଙ୍କ ସମସ୍ୟା ଦୂରୀକରଣ ନିମନ୍ତେ ବିଶେଷ ଆଲୋଚ଼ନା କରାଯାଇଥିଲା । ଏହି ବୈଠକରେ ସଙ୍ଘର ଉପଦେଷ୍ଟା ତଥା ଜଣାଶୁଣା ସ୍ଥାନୀୟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଯୋଗଦେଇ ବ୍ୟବସାୟୀ ଙ୍କ ସମସ୍ୟା ଦୂରୀକରଣ ସମେତ ମାର୍କେଟ ର ଅତ୍ୟାବଶକୀୟ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱାରୋପ କରି ଏ ବାବଦରେ କାର୍ଯ୍ୟ କରାଯିବା ନେଇ ସୂଚ଼ନା ଦେଇଥିଲେ କ୍ଷ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି ଗୋଲେଖ ଚ଼ନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଅମୀୟ ପାଣି, ଉପସଭାପତି ପ୍ରୀତିରଞ୍ଜନ ମହାପାତ୍ର ଓ ଶିଶିର ନାୟକ, ସହସମ୍ପାଦକ ଶକ୍ତିକାନ୍ତ ଦାସ, କୋଷାଧ୍ୟକ୍ଷ ସୋମନାଥ ଖୁଣ୍ଟିଆ ଙ୍କ ସମେତ ଶତାଧିକ ବ୍ୟବସାୟୀ ଆଲୋଚ଼ନା ରେ ଉପସ୍ଥିତ ରହି ସେମାନଙ୍କର ସୁଚ଼ିନ୍ତିତ ମନ୍ତବ୍ୟ ରଖିଥିଲେ ।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ୍ୟ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ୍ୟ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ



ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଓଡିଆରେ ଇଂଜିନିୟରିଂ ପୁସ୍ତକ ପ୍ରସ୍ତୁତିର ସମୀକ୍ଷା



ଭୁବନେଶ୍ୱର (ପିଏନ୍): ଆସନ୍ତା ଶିକ୍ଷାବର୍ଷରେ ଓଡିଆରେ ଇଂଜିନିୟରିଂ ଶିକ୍ଷାପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିପାଇଁ ଓଡିଆରେ ପୁସ୍ତକ ଅନୁବାଦ ପଦ୍ଧତି କାର୍ଯ୍ୟର ସମୀକ୍ଷା କରାଯାଇଥିଲା। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅଧିନସ୍ଥ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ପ୍ରଫେସର ଅନୀଲ ସହସ୍ରବୁଦ୍ଧେଙ୍କଦ୍ୱାରା ଆୟୋଜିତ ଏହି ବୈଠକରେ ପରିଷଦର ମୁଖ୍ୟ ସଂଯୋଜକ ତଥା କମ୍ପୁଟର ବିଜ୍ଞାନୀ ଚନ୍ଦ୍ରଶେଖର ବୁଦ୍ଧ କିପରି ଅତି ସହଜରେ କମ୍ପ୍ୟୁଟର ଅନୁବାଦ ପ୍ରୋଗ୍ରାମ ମାଧ୍ୟମରେ ଇଂରାଜୀରୁ ଯେକୌଣସି ଭାରତୀୟ ଭାଷାରେ ଇଂଜିନିୟରିଂ ପାଠର ସରଳ ଅନୁବାଦ ହୋଇପାରୁଛି, ତାହା ଉପସାପନ କରିଥିଲେ। ଓଡିଆରେ ଏହାର ଅନୁବାଦ ପ୍ରଦର୍ଶନ ବେଳେ କମ୍ପ୍ୟୁଟର ଅନୁବାଦ ସମ୍ପର୍କୀତ ଏପର୍ଯ୍ୟନ୍ତ ଯେତେସବୁ ଅନୁବାଦ ସଫ୍ଟୱେୟାର ଅଛି, ଏହା ସବୁଠାରୁ ଉତ୍କୃଷ୍ଟ ବୋଲି ଉପସ୍ଥିତ ଥିବା ଓଡିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଓଡିଆଭାଷା ଉପରେ କାମ କରୁଥିବା କମ୍ପ୍ୟୁଟର ବିଜ୍ଞାନୀଗଣ ମତ ଦେଇଥିଲେ। ତେବେ ଅନୁବାଦ ସମୟରେ ବ୍ୟାକରଣଗତ ସମସ୍ୟା ନ ଥିବାବେଳେ ଓଡିଆ ଶବ୍ଦଗୁଚ୍ଛ ଅଧିକ ଦିଆଯାଇ ନ ଥିବାରୁ ଅନେକ ଇଂରଜୀ ଶବ୍ଦର ପ୍ରଚଳିତ ପ୍ରକୃତ ଓଡିଆ ଶବ୍ଦ ବଦଳରେ ବିକୃତ ରୂପା'ରଣ ଘଟୁଥିବାର ଦେଖିବାକୁ ମିଳିଥିଲା। ତେଣୁ ଏହାର ଭାଷା ସମୀକ୍ଷା କରିବାର ଆବଶ୍ୟକତା ଉପରେ ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପକ୍ଷରୁ ଗୁରୁତ୍ୱ ଆରୋପ କରାଯାଇଥିଲା। ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଏମ.ପି. ପୁନିଆ ଅନୁବାଦ କାର୍ଯ୍ୟକ୍ରମ ସହିତ ଓଡିଆ ପରିଭାଷା ପ୍ରସ୍ତୁତିର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଭାରତ ସରକାରଙ୍କ ପକ୍ଷରୁ ବିଭିନ୍ନ ଭାଷାର ଅନେକ ପରିଭାଷା ପ୍ରସ୍ତୁତ ହେଉଥିବାରୁ ଓଡିଆରେ ଏହା ତୁର' ପ୍ରସ୍ତୁତ କରାଯାଉ ବୋଲି କହିଥିଲେ। ଜଣେ ଛାତ୍ର ଏକ ନିର୍ଦ୍ଦିଷ୍ଟ ଭାଷା ପୃଷ୍ଠଭୂମିରୁ ଆସି ଉଚ୍ଚଶିକ୍ଷାପାଇଁ ବୈଷୟିକ ଶିକ୍ଷା ଗ୍ରହଣ କଲାବେଳେ ଇଂରାଜୀରେ ବୁଝିବା ଅସୁବିଧା ହେଉଥିବାରୁ ବୈଷୟିକ ଶିକ୍ଷା ପରିଷଦ ମାତୃଭାଷାରେ ଶିକ୍ଷାଦାନ ସାମଗ୍ରୀ ଯୋଗାଇବାପାଇଁ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିଛି, ଯେଉଁଥିରେ ସମସ୍ତ ବୈଷୟିକ ଶବ୍ଦଗୁଡ଼ିକ ଇଂରାଜୀରେ ଏକ ଅନୁବାଦିତ ରୂପରେ ରହିବ। ବିଦ୍ୟାର୍ଥୀର ବୁଝିବା ସହଜ ହେବାପରେ ଏହାର ଉପସ୍ଥାପନାପାଇଁ ଇଂରାଜୀ ଭାଷା ଶିକ୍ଷା ବାଧ୍ୟତାମୂଳକ ରହିବ। ବିଦ୍ୟାର୍ଥୀଙ୍କପାଇଁ ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ସହିତ ମିଳିତ ଭାବରେ ବୈଷୟିକ ଶିକ୍ଷା ପରିଷଦ ଓଡିଆରେ ବୈଷୟିକ ଶବ୍ଦକୋଷ ଓ ପୁସ୍ତକ ପ୍ରସ୍ତୁତ କରିବେ ବୋଲି ପରିଷଦର ନିର୍ଦ୍ଦେଶକ କର୍ଣ୍ଣେଲ ଭେଙ୍କଟ ସୂଚାଇଥିଲେ। ଏହି ବୈଠକରେ ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପକ୍ଷରୁ ଅଧ୍ୟକ୍ଷ ଶ୍ରୀଯୁକ୍ତ ଅବସର ବେଉରିଆ, ପ୍ରଫେସର ଓଁକାରନାଥ ମହାଁ, ଡକ୍ଟର ସୁବ୍ରତ ପୃଷ୍ଟି, ଡକ୍ଟର ସିପ୍ରା ମଲ୍ଲିକ, ପ୍ରଫେସର ନଟବର ଶତପଥୀ, ବିଜୁ ପଟ୍ଟନାୟକ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ କୁଳପତି, ସୋଆ ବିଶ୍ୱବିଦ୍ୟାଳୟର କମ୍ପୁଟର ବିଭାଗର ମୁଖ୍ୟ ପ୍ରଫେସର ଅଜିତ ନାୟକ, ଓପେକାର ସଚିବ ଶ୍ରୀ ବିନୋଦ ଦାଶ, ପ୍ରଫେସର ଅଶୋକ ପଣ୍ଡା, ପ୍ରଫେସର କେ ଆର ଶ୍ରୀ ବସନ, ଡକ୍ଟର କେ ସର୍ବେଶ୍ୱର ରାଓ, ଇଂ. ବିବେକ ପାଣି ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ

ତୁରୁମୁଙ୍ଗା (ପିଏନ୍):କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ବଡ ଗମ୍ଭାରିଆ ଗାଁ ନିକଟ ହାଟପଡିଆରୁ ଠାବ ହୋଛି ଜଣେ ଯୁବକର ମୃତଦେହ । ମୃତକଙ୍କ ନାମ ଲୋକଙ୍କ ମହାନ୍ତ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ ଗୋଲକ ବାପା ଯୋଗେଶ୍ୱର ଓ ଭାଇଙ୍କ ସହିତ ବଚସା ହୋଇଥିଲା । ଏହାପରେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ଘଟଣାସ୍ଥଳରେ ତୁରୁମୁଙ୍ଗା ଥାନା ପୋଲିସ ପହଂଚି ମୃତଦେହକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ୍ କହିଛି । ପୋଲିସ୍ ତୁରମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

# ଭାରତ ବନ୍ଦ ଡାକରା ସଫଳ

ଯାଜପୁର (ପିଏନ୍)- ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭାରତୀୟ ସଂଯୁକ୍ତ କୃଷକ ସଙ୍ଗଠନ ଓ ୪ ଗୋଟି ସର୍ବଭାରତୀୟ ଟ୍ରେଡ୍ ୟୁନିୟନ ଡାକରାରେ ଭାରତ ବନ୍ଦକୁ ସଫଳ କରିବା ନିମନ୍ତେ ସମ୍ପୂର୍ଣ୍ଣଭାବେ ସମର୍ଥନ ଦେଇଥିଲା । କେନ୍ଦ୍ର ବିଜେପି ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ୩ ଗୋଟି ଜାତୀୟ କୃଷି ଆଇନ ବିରୁଦ୍ଧରେ ଦୀର୍ଘବର୍ଷରୁ ଉର୍ଦ୍ଧ୍ୱ ହେବ ରାଜରାସ୍ତା ଅବରୋଧ, ଧାରଣା, ରାଲି, ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲେ ମଧ୍ୟ ମୋଦୀ ସରକାରଙ୍କର ଶିଳ୍ପପତି ଓ କର୍ପୋରେଟ ଅଫିସ୍ ସହ ମଧୁର ସମ୍ପର୍କ ହେତୁ ତାହା ପ୍ରତ୍ୟାହାର ହୋଇପାରୁନାହିଁ । ଜାତୀୟ କଂଗ୍ରେସ ଓ ବିରୋଧୀ ଦଳ ପକ୍ଷରୁ ଭାରତୀୟ ସଂଯୁକ୍ତ କୃଷକ ମୋର୍ଚ୍ଚାକୁ ନିରନ୍ତର ସମର୍ଥନ ଜଣାଇ ଆସିଛି । ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦଙ୍କ ନେତୃତ୍ୱରେ ପୂର୍ବତନ ଏମ୍.ପି. ଅଞ୍ଚଳ ଦାସ, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, ଦଳିତ ସେଲ କଂଗ୍ରେସ ସଭାପତି ଦୁର୍ଯ୍ୟୋଧନ ବେହେରା, ଉପସଭାପତି ବିଭୂତି ମହାପାତ୍ର, ଉପସଭାପତି ରାଜୀବ ମହାପାତ୍ର, ଉପସଭାପତି ଅବଦୁଲ ସଲିମ, ଆଡ଼ଭୋକେଟ୍ ଅଶୋକ ବିଶ୍ୱାଳ, ପୂର୍ବତନ ପସିସି ସମ୍ପାଦକ ଭାସ୍କର ମହାନ୍ତି, ମହିଳା କଂଗ୍ରେସ ସଭାନେତ୍ରୀ ପ୍ରତିମା କର, କନକଲତା ରାଉତ, ଜିଲ୍ଲା ଆଇନ କଂଗ୍ରେସ ସଭାପତି ନିତାଇ ଚାନ୍ଦ ମହାନ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ଯାଜପୁର ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସ, ଅକ୍ଷୟ କୁମାର ଶତପଥି, ପୂର୍ବତନ ସରପଞ୍ଚ ଜଗବନ୍ଧୁ ଜେନା, ବିଦ୍ୟାଧର ବାରିକ, ଗୋବିନ୍ଦ ଚନ୍ଦ୍ର ସାହୁ, ଭରତ ଚନ୍ଦ୍ର ଜେନା, କପିଳେଶ୍ୱର ଦଳେଇ, ସ୍ୱରାଜ ଜେନା, ପରିମଳ ବିଶ୍ୱାଳ, ଅନିରୁଦ୍ଧ ରାଉତ, ସନ୍ତୋଷ କୁମାର ରାଉତ, ଅରଜିତ ନାୟକ, ବାସୁଦେବ ଜେନା, ବିଜୟ ମହାପାତ୍ର, ନକୁଳଦେବ ସାହୁ, ଅମୂଲ୍ୟ ବିଶ୍ୱାଳ, ନିକୁଞ୍ଜ ସାମଲ, ମିଡ଼ିଆ ସେଲର ଆଦିତ୍ୟ ମହାନ୍ତି ପ୍ରମୁଖ ବନ୍ଦରେ ସାମିଲ ହୋଇଥିଲେ । ଯାଜପୁରର ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ବ୍ୟାଙ୍କ, ଏଲ.ଆଇ.ସି. ଅଫିସ୍ ବନ୍ଦ ହୋଇଯାଇଥିଲା । ବନ୍ଦକୁ ସମର୍ଥନ ଜଣାଇ ଗାଡ଼ିମୋଟର, ଟ୍ୟାକ୍ସି, ବସ୍, ଟ୍ରକ୍ ଯାତାୟାତ ବନ୍ଦ ରହିଥିଲା । ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବିରୁଦ୍ଧରେ ଜିଲ୍ଲାପାଳ, ଜିଲ୍ଲା ଜଜ୍, ଯାଜପୁର ବ୍ଲକ୍ ଅଫିସ୍ ସମ୍ମୁଖରେ କଂଗ୍ରେସ କର୍ମୀମାନଙ୍କ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ଓ ନୀତି ବିରୁଦ୍ଧରେ ସ୍ଲୋଗାନ ଦିଆଯାଇଥିଲା ।

## କାଇପଦର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଜିଲ୍ଲା କାଇପଦର ଶ୍ରୀଜଗନ୍ନାଥ କଲେଜରେ ଜାତୀୟ ସେବା ଯୋଜନା ସମର ଶିକ୍ଷାର୍ଥୀ ବାହିନୀ ଓ ରେଡ଼କ୍ରସର ମିଳିତ ସହଯୋଗରେ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ରାୟସିଂହ, ପ୍ରାକ୍ତନ ଅଧ୍ୟକ୍ଷ ତଥା ଖୋର୍ଦ୍ଧାର ପ୍ରାକ୍ତନ ବିଧାୟକ ଡ଼କ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ, ଖୋର୍ଦ୍ଧା ଜିଲ୍ଲା ରେଡ଼କ୍ରସର ସଂଯୋଜକ ରଞ୍ଜନ ମହାପାତ୍ରଙ୍କ ଉପସ୍ଥିତିରେ ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ପ୍ରାକ୍ତନ ସଂଯୋଜକ ତଥା ଭୁବନେଶ୍ୱର ରୋଟାରୀ କ୍ଲବ୍ ଏକାମ୍ର କ୍ଷେତ୍ରର ସଭାପତି ଡ଼କ୍ଟର ଅଚ୍ୟୁତାନନ୍ଦ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଛାତ୍ରଛାତ୍ରୀ ତଥା ପ୍ରାକ୍ତନ ଛାତ୍ର ଛାତ୍ରୀମାନେ ମିଶି ସର୍ବ ମୋଟ ୪୦ ୟୁନିଟ୍ ରକ୍ତ ଦାନ କରିଥିଲେ। ଏହି ଶିବିରକୁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ତରୁଣକାନ୍ତି ରାୟ, ଅନୁପମା ଚମ୍ପତିରାୟ, ମାନସ ଜୟସିଂହ, ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ ଅଧ୍ୟାପକ ସୁଧାଂଶୁ ରଣସିଂହ, ରେଡ଼କ୍ରସର କାଉନସିଲର ଡ଼କ୍ଟର ଜନ୍ମେଜୟ ଚୌଧୁରୀ ତଥା ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

# ପୌରପାଳିକା ଅଞ୍ଚଳରେ ସ୍ଥାୟୀ ଥଇଥାନ ପାଇଁ ବାଲେଶ୍ୱର ଓଭରବ୍ରିଜ୍ ବ୍ୟବସାୟୀ କମିଟିର ପ୍ରଶାସନକୁ ନିବେଦନ

ବାଲେଶ୍ୱର (ପିଏନ୍): ବେକାରୀଙ୍କୁ ରୋଜଗାରକ୍ଷମ କରିବା ପାଇଁ ବହୁ ବର୍ଷ ପୂର୍ବେ ପ୍ରଶାସନ ପକ୍ଷରୁ ଓଭରବ୍ରିଜ୍ ତଳେ ଦୋକାନ ଘର ପ୍ରଦାନ କରାଯାଇଥିଲା। ଦୋକାନ ଉପରେ ନିର୍ଭର କରୁଥିବା ୧୭୦ ବ୍ୟବସାୟୀ ବ୍ୟବସାୟ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଦୋକାନ ଘର ବିତରଣ ବେଳେ ଯେଉଁ ସବୁ ସର୍ତ୍ତ ରହିଥିଲା ସେ ସବୁ ପାଳନ କରି ଆସୁଥିଲେ ବୋଲି ଦୋକାନ ବ୍ୟବସାୟ ପକ୍ଷରୁ ଏକ ସମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ଜିଲ୍ଲା ପ୍ରଶାସନ କିନ୍ତୁ ଆଜି ସେମାନଙ୍କୁ ଉଚ୍ଛେଦ କରିବା ପାଇଁ ଚାହିଁଛନ୍ତି। ସର୍ବୋଚ୍ଚ ନ୍ୟାୟଳୟରେ ଏଥି ପାଇଁ ମୋକଦ୍ଦମା ଚାଲିଛି। ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ଆସିବା ପୂର୍ବରୁ ତରବରିଆ ଭାବେ ଜିଲ୍ଲା ପ୍ରଶାସନ ଉଚ୍ଛେଦ ପାଇଁ ପଦକ୍ଷେପ ନେବାକୁ ଯାଉଥିବା ଜଣାଯାଇଛି। କରୋନା ମହାମାରୀ ସମୟରେ ବେପାର ଏକ ପ୍ରକାର ବନ୍ଦ ହୋଇଯାଇଥିବା ବେଳେ ସେମାନଙ୍କ ପରିବାର ଏବେ ବହୁ ଦୟନୀୟ ଅବସ୍ଥାରେ ରହିଛନ୍ତି। ଏପରି ସମୟରେ ଜିଲ୍ଲା ପ୍ରଶାସନ ଆସନ୍ତା ୩୦ ତାରିଖ ସୁଧା ଓଭରବ୍ରିଜ୍ ତଳେ ଥିବା ଦୋକାନ ଘରଗୁଡ଼ିକୁ ଉଚ୍ଛେଦ କରି ଆମ୍ଭମାନଙ୍କୁ ମୃତ୍ୟୁ ମୁହଁକୁ ଠେଲି ଦେବାକୁ ଚାହୁଁଛନ୍ତି। ଓଭରବ୍ରିଜ୍ ତଳୁ ପୂର୍ବରୁ ଉଚ୍ଛେଦ କରାଯାଇଥିବା ୬ ଜଣ ବ୍ୟବସାୟୀଙ୍କୁ ଏପର୍ଯ୍ୟନ୍ତ ଥଇଥାନ କରାଯାଇ ନାହିଁ। ସେମାନଙ୍କ ପରିବାର ଏବେ ବହୁ କଷ୍ଟରେ ଜୀବନ କାଟୁଛନ୍ତି। ଉଚ୍ଛେଦର ନିର୍ଦ୍ଦେଶନାମା ପରେ ଥଇଥାନ ପୂର୍ବକ ଯେଉଁ ଉଚିତ ବ୍ୟବସ୍ଥା କରାଯିବା କଥା ତାହା ପ୍ରଶାସନ ପକ୍ଷରୁ ହୋଇ ନାହିଁ। ଅସ୍ଥାୟୀ ଭାବେ ସହରଠାରୁ ବହୁ ଦୂରରେ ଯେଉଁ ସ୍ଥାନ ଆମ୍ଭମାନଙ୍କୁ ଦିଆଯାଇଛି ସେଥିରେ ଆମ୍ଭମାନଙ୍କର ବ୍ୟବସାୟ ବନ୍ଦ ହୋଇଯିବ ଏଥିରେ ଆଦୌ ସନ୍ଦେହ ନାହିଁ। ବ୍ରିଜ୍ ମରାମତି କ୍ଷେତ୍ର ଆମ୍ଭେ ବିରୋଧ କରିବାକୁ ଚାହୁଁ ନାହୁଁ। କିନ୍ତୁ ଆମ୍ଭମାନଙ୍କୁ ଓଭରବ୍ରିଜ୍ ମରାମତି ଶେଷ ହେଲା ପରେ ପୁଣି ସେଠାରେ ଥଇଥାନର ବ୍ୟବସ୍ଥା କରାଯାଉ। ଯଦି ଏହା ସମ୍ଭବ ନୁହେଁ ତେବେ ମ୍ୟୁନିସିପାଲଟି ଅଞ୍ଚଳରେ ସପିଙ୍ଗ କମ୍ପ୍ଲେକ୍ସ କରାଯାଇ ସେଥିରେ ଥଇଥାନ କରାଯାଉ ବୋଲି ଦାବି କରିଛନ୍ତି। ଯଦି ଆମକୁ ଏଦିଗରେ ଉଚିତ ନ୍ୟାୟ ନ ମିଳେ ତେବେ ସାମୂହିକ ଆତ୍ମହତ୍ୟା ହିଁ ଆମ୍ଭମାନଙ୍କର ଏକମାତ୍ର ବିକଳ୍ପ ହେବ ବୋଲି ମାର୍କେଟ କମ୍ପ୍ଲେକ୍ସ ୟୁନିୟନ ପକ୍ଷରୁ ଅନୁଷ୍ଠିତ ସମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଆଇନଜୀବୀ ପ୍ରଭାତ ଖଣ୍ଡେଲୱାଲ, ବ୍ୟବସାୟ ରାଜେନ୍ଦ୍ର ନାୟକ, ମନୋରଞ୍ଜନ ବେହେରା, ନନ୍ଦକିଶୋର ଦେ, ରଘୁନାଥ ସାହୁ, ଦୀନବନ୍ଧୁ ବେହେରା, ଜାଫର ହୋଦା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କର ମତାମତ ପ୍ରକାଶ କରିଥିଲେ।

# ବିଜେଡିରେ ମିଶିଲେ ଧର୍ମଶାଳାର ବିଜେପି ନେତା ରମେଶ ପରିଡା



ଧର୍ମଶାଳା (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ପରିଡା(ତୁଷାର) ନିଜର ସମର୍ଥକମାନଙ୍କ ସହ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ । ଦଳର ବିଭିନ୍ନ ପଦପଦବୀରୁ ଇସ୍ତଫା ଦେବାର କିଛି ସମୟ ପରେ ସେମାନେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି । ଏହି ଅବସରରେ ଭୁବନେଶ୍ୱରସ୍ଥିତ ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡିର ରାଜ୍ୟ ସାଙ୍ଗଠନିକ ସଂପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ତାଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶ ମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ସେ ବିଜେପି ଛାଡିଥିବା ତାଙ୍କ ପ୍ରତିକ୍ରିୟାରେ କହିଥିଲେ । ବିଜେଡି ରାଜ୍ୟ ସାଧାରଣ ସଂପାଦକ ତଥା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବ'ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଓ କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ଶ୍ରୀ ପରିଡା ଓ ତାଙ୍କର ଶତାଧିକ ସମର୍ଥକ ବିଜେଡିରେ ଯୋଗ ଦେବାପରେ ଦଳ ଅଧିକ ମଜବୁତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । କଂଗ୍ରେସ ଦଳରୁ ରାଜନୀତି ଆରମ୍ଭ କରିଥିବା ଶ୍ରୀ ପରିଡା ବିଜେଡି ଗଠନ ହେବା ପରେ ସେ ଦିବଂଗତ ନେତା କଳ୍ପତରୁ ଦାସଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିଲେ । ପରେ ବିଜେଡିର ଧର୍ମଶାଳା ବ୍ଲକ ସଭାପତି, ବିଧାୟକଙ୍କ ପ୍ରତିନିଧି, ପଂଚାୟତ ସମିତି ଅଧ୍ୟକ୍ଷ ହୋଇ ସ୍ୱର୍ଗତ ଦାସଙ୍କ ଘନିଷ୍ଠ ହୋଇ ପାରିଥିଲେ । ତେବେ ୨୦୦୯ ସାଧାରଣ ନିର୍ବାଚନରେ ସେ ପଂଚାୟତ ସମିତି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ସହ ବିଜେଡି ଛାଡି ବିଜେପିର ବିଧାୟକ ପ୍ରାର୍ଥୀ ହୋଇଥିଲେ । ପରେ ସେ ୨୦୧୪ ଓ ୨୦୧୯ରେ ମଧ୍ୟ ବିଜେପି ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ । ନିକଟରେ କଂଗ୍ରେସ ପ୍ରାର୍ଥୀ ସ୍ମୃତିରେଖା ପହି ବିଜେପିରେ ଯୋଗଦେବା ଘଟଣାରେ ସମ୍ଭବତ ଅସୁଖୀ ଥିବା ଶ୍ରୀ ପରିଡା ବିଜେପିରେ ରହିବାକୁ ଆଉ ଉଚିତ୍ ମନେ କରି ନଥିଲେ । ସେହିପରି ଯାଜପୁର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଚୈତନ୍ୟ ସାମଲ, ଉପସଭାପତି ମହେନ୍ଦ୍ର କୁମାର ପଣ୍ଡା, ସଂପାଦକ ମୋନାଲିଶା ଦାଶ, କବାଟବନ୍ଧ ମଣ୍ଡଳ ସଭାପତି ବିଜୟ କୁମାର ନାୟକ, ଜେନାପୁର ମଣ୍ଡଳ ସଭାପତି ନିରଂଜନ ବେହେରା, ସାଧାରଣ ସଂପାଦକ ରମେଶ ଚନ୍ଦ୍ର ବେହେରା, ମାନସ ମହାଁ, ଆରୁହା ମଣ୍ଡଳ ସଭାପତି ଅଶୋକ କୁମାର ସାହୁ, ସାଧାରଣ ସଂପାଦକ, ପ୍ରଭଜଂନ ମହାଁ, ପ୍ରଫୁଲ୍ଲ କୁମାର ବେହେରା, ରାଜ୍ୟ ପରିଷଦ ସଦସ୍ୟ ଆଶିଷ କୁମାର ବଳ, ବିଜେପି ନେତା ପ୍ରମୋଦ କୁମାର ଦାସ, ରଘୁନାଥ ବେହେରା, ଧବଳେଶ୍ୱର ରାଉତ, ଶୁକଦେବ ସ୍ୱାଇଁ, ସଚ୍ଚିଦାନନ୍ଦ ପାତ୍ର, ଦେବୀ ପ୍ରସନ୍ନ ଦାଶ, କୁଳମଣି ପଣ୍ଡା, ଶରତ ଧଳ, କୈଳାଶ ଦାସ, ଜ୍ଞାନରଂଜନ ମଲ୍ଲିକ, ଅଧରକାନ୍ତ ଜେନା, ଗୋବିନ୍ଦ ଚନ୍ଦ୍ର ଧୀର, ଜୟନ୍ତ ଜେନା, ସୁଶାନ୍ତ କୁମାର ସାହୁ, ମୃତ୍ୟୁଂଜୟ ଦାସ ପ୍ରକାଶ ନାୟକ ପ୍ରମୋଦ ନାୟକ, କାମଦେବ ରାଉତ, ଦିଲୀପ କୁମାର ରଥ, ସୁକାନ୍ତ ରାମ, ଅଜୟ ଜେନା, ମନୋଜ ବେହେରା, ସହଦେବ ନାୟକ, ବାବନ ବେହେରା, ଅମୂଲ୍ୟ ଦାସ ପ୍ରମୁଖ ବହୁ ବିଜେପି କର୍ମୀ ଦଳ ଛାଡି ବିଜେପିରେ ଯୋଗ ଦେଇଥିଲେ ।

## ଏଆଇଟିୟୁସି ନେତୃତ୍ୱରେ ଶୋଭାଯାତ୍ରା ଓ ବିକ୍ଷୋଭ

ବାଲେଶ୍ୱର (ପିଏନ୍): ସ୍କିମ ୱାର୍କର୍ସମାନଙ୍କର ସର୍ବଭାରତୀୟ ସମନ୍ୱୟ ସମିତିର ଦିନିକିଆ ଧର୍ମଘଟରେ ଅଙ୍ଗନୱାଡ଼ି କର୍ମୀ ଓ ମଧ୍ୟାହ୍ନ ଭୋଜନ ପାଚିକା ଏବଂ ସହାୟିକାମାନଙ୍କର ପ୍ରତିନିଧି ଦଳଗୁଡ଼ିକ ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଆଇଟିୟୁସି ନେତୃତ୍ୱରେ ଥିବା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘ, ସିଆଇଟିୟୁ ନେତୃତ୍ୱରେ ଥିବା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟକାମାନଙ୍କର ଏକ ବିଶାଳ ଶୋଭାଯାତ୍ରା ରେଳଷ୍ଟେସନରୁ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ ଫାଟକ ସାମ୍ନାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମାବେଶରେ ବନ୍ଦନା ବିଶ୍ୱାସ ଅଧ୍ୟକ୍ଷତା କରିଥିବା ବେଳେ ଉଭୟ ସଂଗଠନ ତରଫରୁ ଇଶାଣୀ ଷଡ଼ଙ୍ଗୀ, ଗୌରୀ ଦାସ, ଅନୁସୟା ଦଳାଇ, ସୁକାନ୍ତି ବିଶ୍ୱାଳ, ପୂର୍ଣ୍ଣିମା ବେହେରା, ମଞ୍ଜୁଲତା ଦାସ ପ୍ରମୁଖ ଅଙ୍ଗନୱାଡ଼ି କର୍ମୀ, ଅଶା ଓ ପାଚିକାମାନଙ୍କୁ ସ୍କିମ ୱାର୍କର ଭାବେ କେନ୍ଦ ସରକାର ସେମାନଙ୍କୁ ସର୍ବନିମ୍ନ ମଜୁରୀ ସମାନ କାମକୁ ସମାନ ମଜୁରୀ, ଅବସର ପରେ ପେନସନ୍ ଓ ସାମଜିକ ସୁରକ୍ଷା ବୀମା ଓ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯାଉ ନଥିବା ଅଭିଯୋଗ ହୋଇଥିଲା। ସରକାରଙ୍କ ଘରୋଇକରଣ ବ୍ୟବସ୍ଥାକୁ ବିରୋଧ କରି ୨୭ ତାରିଖ ଦିନ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ବିକ୍ଷୋଭ ସଭାରେ ଏଆଇଟିୟୁସି ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ଜତିନ ପାତ୍ର ଓ ସିଆଇଟିୟୁ ପକ୍ଷରୁ ବିଜୟ ପାତ୍ର, ଶିଶିର ହୁଇ ଏବଂ ନିକୁଞ୍ଜ ବସନ୍ତ ରାୟ ପ୍ରମୁଖ ସରକାରଙ୍କ ଅବିଚାରକୁ ଦୃଢ ନିନ୍ଦା କରିଥିଲେ। ଶୋଭାଯାତ୍ରା ବିକ୍ଷୋଭ ପରିଚାଳନାରେ ରଜେଶ୍ୱରୀ ବେହେରା, ରେବତୀ ପାତ୍ର, ସରୋଜିନି ପ୍ରଧାନ, ବସୁମତି ପ୍ରଧାନ, ଜୟନ୍ତି ରାଉତ, ତପସ୍ୱିନି ବିଶ୍ୱାଳ, ଜ୍ୟୋସ୍ନା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ସିଜିନାଲ ଆଫେକ୍ଟିଭ ଡିସ୍ଅର୍ଡ଼ର



ବହୁତ ଦିନ ପରେ ସୁଜିତ ବନ୍ଧୁ ମହେଶ ଆସିଥିଲେ କଟକ ବୁଲିବା ପାଇଁ। ତାଙ୍କ ବ୍ୟବସାୟିକ ସଂସ୍ଥାର ଶୀତଋତୁ ଜନିତ ଛୁଟି ଥିବାରୁ କିଛି ଦିନ କାଟିବା ପାଇଁ ଆସିଥିଲେ କଟକ। ତେବେ କେଜାଣି କାହିଁକି ତାଙ୍କୁ ପ୍ରଥମେ ପ୍ରଥମେ ତ ଭଲ ଲାଗୁଥିଲା ପରେ କିନ୍ତୁ ତାଙ୍କ ମୁଡ଼ ଖରାପ ଲାଗିବା ସହ ଠିକ ସମୟରେ ଖାଦ୍ୟ ଗ୍ରହଣ କଲେନି ଏବଂ ଶେଷକୁ ଏକପ୍ରକାର ଚିଡ଼ଚିଡ଼ା ସ୍ୱଭାବର ସେ ହୋଇଗଲେ। ମୋ ପରାମର୍ଶ ନେବା ପରେ ମୁଁ ବନ୍ଧୁ ସୁଜିତକୁ କହିଲି ସିଜିନାଲ ଆଫେକ୍ଟିଭ ଡିସଅର୍ଡ଼ର ହେଉଛି ମାନସିକ ଅବସାଦ ଭଳି ଗୋଟିଏ ସମସ୍ୟା, ଯାହା ଋତୁର ପ୍ରଭାବ ଅନୁଯାୟୀ ହୋଇଥାଏ। ଏହା ମୁଖ୍ୟତଃ ଶୀତଋତୁର ଆରମ୍ଭ ବା ଶେଷ ଭାଗରେ ଆରମ୍ଭ ହୋଇ ବସନ୍ତ ବା ଗ୍ରୀଷ୍ମ ବେଳକୁ ଆପେ ଆପେ ଠିକ୍ ହୋଇଯାଏ। କିନ୍ତୁ କେତେଜଣଙ୍କ କ୍ଷେତ୍ରରେ ଏହା ଋତୁକାଳୀନ ଅବସାଦ ଭାବେ ଦେଖାଦେଇଥାଏ। ଏହାକୁ ମନୋଚିକିତ୍ସକମାନେ ଏସଏଡି ବୋଲି କହିଥାନ୍ତି। ଏହା ମାନସିକ ରୋଗ ସାଧାରଣତଃ ଅଧିକ ବୟସର ଯୁବକଙ୍କ ମଧ୍ୟରେ ଦେଖାଯାଇଥାଏ। ପୁରୁଷଙ୍କ ତୁଳନାରେ ମହିଳାମାନେ ଏହି ସମସ୍ୟାରେ ଅଧିକ ପୀଡ଼ିତ ହୋଇଥାନ୍ତି। ଏହାର ଲକ୍ଷଣ ହେଉଛି ଲଗାତାର ମୁଡ଼ ଖରାପ



ହେବା, ଦୈନନ୍ଦିନ କାମରେ ରୁଚି ନରଖିବା, ଚିଡ଼ିଚିଡ଼ା ଲାଗିବା, ନିରାଶା, ଅପରାଧବୋଧ, ନିଜକୁ ବିଫଳ ଭାବିବା, ଦିନରେ ଅଳସୁଆ ଓ ନିଦ ଲାଗିବା, ଅଧିକ ସମୟ ଶୋଇ ରହିବା, ନିଜ ଶରୀର ପ୍ରତି ଦୃଷ୍ଟି ନଦେବା ଇତ୍ୟାଦି। ଆଜି ପର୍ଯ୍ୟନ୍ତ ଏସଏଡିର ସଠିକ କାରଣ ଜଣାପଡ଼ିନଥିଲେ ମଧ ମନୋବିଜ୍ଞାନୀମାନେ ଗବେଷଣା କରିଛନ୍ତି ଯେ ମସ୍ତିଷ୍କରେ କିଛି ହରମୋନ ଅସନ୍ତୁଳନ ଯୋଗୁଁ ଏସଏଡି ଭଳି ସମସ୍ୟା ସୃଷ୍ଟି ହୁଏ। ଶୀତଦିନରେ ସୂର୍ଯ୍ୟରଶ୍ମି କମ୍ ହେବା କାରଣରୁ ମସ୍ତିଷ୍କରେ ସେରୋଟୋନିନ୍ ନାମକ ହରମୋନ କମ ହୋଇଥାଏ। ଏହି ହରମୋନ ମୁଡ଼କୁ ନିୟନ୍ତ୍ରଣ କରିଥାଏ। ଯେତେବେଳେ ମୁଡ଼କୁ ନିୟନ୍ତ୍ରଣ କରୁଥିବା କୋଷିକା ଓ ହରମୋନ କାର୍ଯ୍ୟ କରିବା ହ୍ରାସ କରେ, ସେତେବେଳେ ଥକ୍କାପଣ ଓ ଅବସାଦର ଭାବନା ସୃଷ୍ଟି ହୁଏ। ପ୍ରକାଶ ଚିକିତ୍ସା ଦ୍ୱାରା କିଛି ମାତ୍ରାରେ ଏସଏଡି ଦୂର ହୋଇଥାଏ। କିନ୍ତୁ ଅନେକଙ୍କ କ୍ଷେତ୍ରରେ ଆଲୋକ ଚିକିତ୍ସା ଫଳପ୍ରଦ ହୋଇନଥାଏ। ସେଭଳି ବ୍ୟକ୍ତିଙ୍କୁ ଆଣ୍ଟିଡିପ୍ରେସନ ଔଷଧ ଦିଆଯାଏ। ଘରୋଇ ଚିକିତ୍ସାରେ ସକାଳ ଭ୍ରମଣ, ଶୀତଦିନରେ ଅଧିକ ପାଣି ପିଇବା ଓ ଖରାରେ କିଛି ହାଲକା ବ୍ୟାୟାମ କରିବା ଦ୍ୱାରା ସିଜିନାଲ ଆଫେକ୍ଟିଭ ଡିସଅର୍ଡ଼ର ବା ଏସଏଡ଼ି ଭଳି ମାନସିକ ସମସ୍ୟାକୁ ଦୂରେଇ ହେବ। ଏହି ରୋଗକୁ ଏକ ଜଟିଳ ମାନସିକ ରୋଗ ବୋଲି ଭାବନ୍ତୁ ନାହିଁ। ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଏକ ରୁଟିନ ଜୀବନ ତିଆରି କରନ୍ତୁ। ଯୋଗ, ପ୍ରାଣାୟମଠାରୁ ସୁଷମ ଖାଦ୍ୟ ସବୁଠାରୁ ଭଲ। କୌଣସି ପରିସ୍ଥିତିରେ ବି ନିଶାଦ୍ରବ୍ୟ ଗ୍ରହଣ କରନ୍ତୁନାହିଁ। ଡାକ୍ତରୀ ପରାମର୍ଶ ଓ ଆପଣଙ୍କ ଉପରେ ଆପଣଙ୍କ ଭରସା ହିଁ ସବୁକିଛି। ଦେଖିବେ ରୋଗୀଟି ଏହି ସମସ୍ୟାରୁ ମୁକ୍ତି ପାଇପାରିବ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Thursday January 02 | ଭୁବନେଶ୍ୱର ଗୁରୁବାର, ଜାନୁଆରୀ ୦୨,୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮
















































Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray